Postal Regd.No.:
BGR - 02 / 2021 - 2023
ବର୍ଷ - ୨୧ ■ ସଂଖ୍ୟା - ୧୦
Volum.-21 ■ Issue No.- 10
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA
କୋଶଳ ପ୍ରବାହ
www.koshalaprabaha.com

R.N.I.No.: ODIODI/2000/03637 / ୧୦ ଜାନୁଆରୀ - ୧୭ ଜାନୁଆରୀ ୨୦୨୧ / 10 Jan. - 17 Jan. 2021 / Odia Weekly / 8 Pages / Rs.2/- only

### ବରିଷ୍ଠ ସାମ୍ବାଦିକ ଶଙ୍କର ପ୍ରସାଦ ମିଶ୍ର ଓ ଯୁବ ସାମ୍ବାଦିକ ପ୍ରକାଶ ଚନ୍ଦ୍ର ମହାରଣାଙ୍କୁ

# ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ଦିବଙ୍ଗତ ବରିଷ୍ଠ ସାମ୍ବାଦିକ ଶଙ୍କର ପ୍ରସାଦ ମିଶ୍ର ଏବଂ ଯୁବ ସାମ୍ବାଦିକ ପ୍ରକାଶ ଚନ୍ଦ୍ର ମହାରଣାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ସାମ୍ବାଦିକ ଭବନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ପ୍ରତିଷ୍ଠାତା ସଦସ୍ୟ ସତ୍ୟନାରାୟଣ ବେହେରା, ଓଡିଶା ସାମ୍ବାଦିକ ୟୁନିୟନର ସଭାପତି ପ୍ରସନ୍ନ କୁମାର ମହାନ୍ତି, ସଂଘର ସଭାପତି ହରିନାରାୟଣ ପୁଜାରୀ, ସାଧାରଣ ସମ୍ପାଦକ ବଳରାମ ମିଶ୍ର ଓ ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ ମଂଚାସୀନ ଥିଲେ । ଅମର ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ସଭା ପ୍ରାରମ୍ଭରୁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିବାବେଳେ ଦିବଙ୍ଗତଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ କରି ଉପସ୍ଥିତ ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଓୟୁଜେର ସଭାପତି ଶ୍ରୀ ମହାନ୍ତି ଶଙ୍କର ପ୍ରସାଦ ମିଶ୍ରଙ୍କ ଆଦର୍ଶ ଏବଂ ବିପ୍ଳବୀ ମାନସିକତା ସବୁଦିନ ପାଇଁ ସାମ୍ବାଦିକ ଜଗତରେ ବଂଚି ରହିବ ବୋଲି କହିବା ସହ ତାଙ୍କ ନାମରେ ରାଜ୍ୟସ୍ତରରେ ଏକ ଲାଇବ୍ରେରୀ ପ୍ରତିଷ୍ଠା ଓ ଏକ ସ୍ମାରକୀ ସମ୍ମାନ ପ୍ରତିବର୍ଷ ପ୍ରଦାନ କରାଯିବାକୁ ଓୟୁଜେ ପଦକ୍ଷେପ ନେଇଥିବା କହିଥିଲେ । ପ୍ରତାପ ଚନ୍ଦ୍ର ରଥ, ବିକ୍ରମାନନ୍ଦ ବହିଦାର, ପ୍ରଭାକର ମିଶ୍ର, ସନାତନ ଠାକୁର, ମନୋରଂଜନ ଯୋଷୀ, ଭାଗିରଥି ମିଶ୍ର, ବିଷ୍ଣୁ ପ୍ରସାଦ କେଡିଆ, ଗୋପାଲଜୀ ପାଣିଗ୍ରାହୀ, ହିମାଂଶୁ ପାଢ଼ୀ, ସୁବାସ ଚନ୍ଦ୍ର ପଣ୍ଡା, ସୁଧୀର ପଣ୍ଡା, ଗୋପବନ୍ଧୁ ଶତପଥି, କୈଳାଶ ଚନ୍ଦ୍ର ସାହୁ, ସୋମନାଥ ମିଶ୍ର, ଜୟଦେବ ପାଣିଗ୍ରାହୀ, ଦୟାନିଧି ସାହୁ, ବାବୁଲି ପଟ୍ଟନାୟକ, ଦୀପକ ସମାଦାର, ଶିବ ପ୍ରସାଦ ପରିଡା, ସଦାଶିବ ସରାଫ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବିରେନ୍ଦ୍ର ଝାଙ୍କର, ବଂଶୀଧର ସେଠ୍, ବାସୁଦେବ ରଥ, ସଂଜୟ ବେହେରା, ଅଶୋକ ଚନ୍ଦ୍ର ମହାନ୍ତି, କୃଷ୍ଣ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ଶଙ୍କର ପ୍ରସାଦ ମିଶ୍ର ଓ ପ୍ରକାଶ ମହାରଣାଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ଶଙ୍କର ପ୍ରସାଦ ମିଶ୍ର ଜଣେ ନିର୍ଭିକ ତଥା ସାଲିସ ବିହୀନ ସାମ୍ବାଦିକ ତଥା ସାମ୍ବାଦିକ ମାନଙ୍କ ହକ୍ ପାଇଁ ଜଣେ ବିପ୍ଳବୀର ଭୂମିକା ନିର୍ବାହ କରୁଥିଲେ ଏବଂ ଯୁବ ସାମ୍ବାଦିକ ପ୍ରକାଶ ମହାରଣା ଜଣେ ଉଦୀୟମାନ ସାମ୍ବାଦିକ ପ୍ରତିଭା ଭାବରେ ସୁନାମ ଅର୍ଜନ କରିଥିଲେ ବୋଲି ସମସ୍ତେ ନିଜ ନିଜ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ । ସଭା ସଂଯୋଜନା କରିଥିଲେ ଉପସଭାପତି ଶ୍ରୀ ସାହୁ ଏବଂ ସାଧାରଣ ସମ୍ପାଦକ ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍ମି ରିକ୍ରୁ୍ୟଟମେଣ୍ଟ ରାଲି ସଂପର୍କୀତ ସୂଚନା




ବଲାଙ୍ଗିର : ବଲାଙ୍ଗିର ସହିତ ସମ୍ବଲପୁର, କେଉଁଝର, ସୁନ୍ଦରଗଡ଼, ବରଗଡ଼, ଅନୁଗୁଳ, ଦେବଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଓ ଢେଙ୍କାନାଳ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀମାନଙ୍କ ନିମନ୍ତେ ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପଦ ପଦବୀ ନିମନ୍ତେ ଆର୍ମି ରିକ୍ରୁ୍ୟଟମେଣ୍ଟ ରାଲ ଅନୁଷ୍ଠିତ ହେବ । ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା ଓ ବାଧ୍ୟତାମୂଳକ କୋଭିଡ୍ ସତର୍କତା ପଦକ୍ଷେପ ନିମନ୍ତେ ଆବେଦନ କରୁଥିବା ପ୍ରାର୍ଥୀମାନେ ଆର୍ମି ରିକ୍ରୁ୍ୟଟମେଣ୍ଟ ରାଲି ବିଜ୍ଞାପନ ଜଏନ୍ ଇଣ୍ଡିଆନ୍ ଆର୍ମି ୱେବ୍‌ସାଇଟ୍ www.joinindianarmy.nic.inରେ ସବିଶେଷ ସୂଚନା ପାଇ ପାରିବେ । ପ୍ରାର୍ଥୀମାନଙ୍କ ପାଇଁ ଅନ୍‌ଲାଇନ୍ ଆବେଦନ ବାଧ୍ୟତାମୂଳକ ଏବଂ ପ୍ରାର୍ଥୀମାନେ ଜାନୁଆରୀ ୫ ତାରିଖ ଠାରୁ ଫେବୃଆରୀ ମାସ ୧୫ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ । ସେନା ନିଯୁକ୍ତି ରାଲିର ପ୍ରକୃତ ସ୍ଥାନ ରାଲିର ୧୫ ଦିନ ପୂର୍ବରୁ ଆଡ୍‌ମିଟ୍ କାର୍ଡ ଦ୍ୱାରା ସେମାନଙ୍କ ପଂଜିକୃତ ଇ-ମେଲ ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯିବ ବୋଲି ଆର୍ମି ରିକ୍ରୁ୍ୟଟମେଣ୍ଟ ରାଲି ଏ.ଆର୍.ଓ. ସମ୍ବଲପୁର ଜଣାଇଛନ୍ତି ।

## ଇଣ୍ଡୋନେସିଆ ବିମାନ ଦୁର୍ଘଟଣା ନେଇ ପ୍ରଧାନମନ୍ତ୍ରୀଙ୍କ ଶୋକ



ନୂଆଦିଲ୍ଲୀ, (ପିଆଇବି) : ଇଣ୍ଡୋନେସିଆ ବିମାନ ଦୁର୍ଘଟଣା ଜନିତ ମୃତାହତ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ଏକ ଟ୍ୱିଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, 'ଇଣ୍ଡୋନେସିଆର ଏହି ଦୁର୍ଭାଗ୍ୟପୂର୍ଣ୍ଣ ବିମାନ ଦୁର୍ଘଟଣାରେ ଜୀବନ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ମୁଁ ଗଭୀର ସମବେଦନା ଜ୍ଞାପନ କରୁଛି । ଏଭଳି ଦୁଃଖଦ ମୁହୂର୍ତ୍ତରେ ଇଣ୍ଡୋନେସିଆ ସହିତ ଭାରତ ଛିଡା ହୋଇଛି ।'

## ବିଦ୍ୟାଳୟ ଖୋଲିବାରୁ ସଭିଙ୍କ ମନରେ ଖୁସିର ସୂର୍ଯ୍ୟୋଦୟ ହୋଇଛି

ବୌଦ୍ଧ, (ନିପ୍ର) : କରୋନା କଟକଣା ଯୋଗୁଁ ସରକାର ସମସ୍ତ ବିଦ୍ୟାଳୟକୁ ବନ୍ଦ ରଖିଥିଲେ । ଦୀର୍ଘ ୧୦ ମାସ ବ୍ୟବଧାନ ପରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ ଆରମ୍ଭ ହୋଇଛି । ଏହି ଅବସରରେ କନ୍ଧମାଳ ବ୍ଲକର ଖୁଣ୍ଟିଗୋରା ପଂଚାୟତ ଉଚ୍ଚ ବିଦ୍ୟାଳୟକୁ ଆମ ପ୍ରତିନିଧି ପହଂଚିଥିଲେ । ଏତେଦିନ ପରେ ଶିକ୍ଷାଲାଭ କରିବାର ସୁଯୋଗ ପାଇଥିବାରୁ ଛାତ୍ରଛାତ୍ରୀଙ୍କ ମନରେ ଆନନ୍ଦ ଦେଖାଦେଇଛି । ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ମାନଙ୍କ ମଧ୍ୟରେ ଉତ୍ସୁକତା ଦେଖା ଦେଇଛି । ସ୍କୁଲରେ ପହଂଚିବା ପରେ ହାତ ସାନିଟାଇଜି କରିବା ସହିତ ମୁହଁରେ ମାକ୍ସ ପରିଧାନ କରି ଶ୍ରେଣୀ କୋଠରୀରେ ସାମାଜିକ ବ୍ୟବଧାନ ରକ୍ଷାକରି ବେଂଚରେ ବସିବା ସହ ଶିକ୍ଷାଲାଭ କରିଥିଲେ ଛାତ୍ରଛାତ୍ରୀମାନେ । ସେମାନଙ୍କ ମଧ୍ୟରେ ଅନେକ ଆଗ୍ରହ ଦେଖିବାକୁ ମିଳିଛି । ଶିକ୍ଷା ଗ୍ରହଣ ପ୍ରତି ପିଲାଙ୍କ ଆଗ୍ରହ ଆହୁରି ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ଉତ୍ସାହ ଦେଇଛି । ଆଗକୁ ପରୀକ୍ଷା ଥିବାରୁ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପ୍ରଥମ ଥର ପାଇଁ ରବିବାର ଦିନରେ ମଧ୍ୟ ବିଦ୍ୟାଳୟ ଖୋଲା ରହୁଛି । ପିଲାଏ ଖୁସି ମନରେ ସ୍କୁଲ ଆସୁଛନ୍ତି । ଦୀର୍ଘ ମାସ ଯାଏ ସ୍କୁଲ ବନ୍ଦ ଥିବାରୁ କିଛି ପିଲା ପରୀକ୍ଷାକୁ ନେଇ ଚିନ୍ତାରେ ରହୁଛନ୍ତି । ତେବେ ପିଲାଏ ନିୟମିତ ସ୍କୁଲ ଆସିଲେ ନିଶ୍ଚୟ ପରୀକ୍ଷାର ଫଳାଫଳ ଭଲ ଆସିବା ବୋଲି ବିଦ୍ୟାଳୟର ସମସ୍ତ ଶିକ୍ଷକ ଆଶା ରଖିଥିବା କଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସାହୁ ଏବଂ ସଂସ୍କୃତ ଶିକ୍ଷକ ଗୋବିନ୍ଦ ସାହୁ ଜଣାଇଛନ୍ତି । ଅନ୍ୟପଟେ ଅଭିଭାବକମାନେ ମଧ୍ୟ ଆଶ୍ୱସ୍ତି ଅନୁଭବ କରିବା ସହ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ବିନା ଡାକ୍ତରରେ ନର୍ସଙ୍କ ଦ୍ୱାରା ପ୍ରସବ : ଛୁଆ ଜନ୍ମ ହେବାର ୫ ଘଣ୍ଟା ପରେ ମା'ର ମୃତ୍ୟୁ : ଚିକିତ୍ସା ଅବହେଳା ଅଭିଯୋଗ ଆଣିଲେ ପରିବାରବର୍ଗ

ତୁଷୁରା, (ନିପ୍ର) : ତୁଷୁରା ଡାକ୍ତରଖାନାରେ ଏକ ଅଭାବନୀୟ ଘଟଣାରେ ନର୍ସଙ୍କ ଦ୍ୱାରା ପ୍ରସବ ପରେ ଛୁଆ ଜନ୍ମ ଦେବା ପରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି । ନର୍ସଙ୍କ ଅବହେଳା ଯୋଗୁଁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ସୂଚନା ମତେ ତୁଷୁରା ସହରର ରାମ ପଟ୍ଟନାୟକଙ୍କ ସ୍ତ୍ରୀ ସୁନୀତା ପଟ୍ଟନାୟକ(୩୦)ଙ୍କୁ ଗତକାଲି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ପ୍ରସବ ବେଦନା ହେବାରୁ ତାଙ୍କୁ ତୁଷୁରା ଡାକ୍ତରଖାନକୁ ଆଣିଥିଲେ । ଡାକ୍ତରଖାନାରେ ଡାକ୍ତର ଛୁଟିରେ ଥିବାରୁ ଉପସ୍ଥିତ ଥିବା ନର୍ସ ମାନେ ସ୍ୱାଭାବିକ ପ୍ରସବ କରାଯିବା ବୋଲି କହିବାରୁ ସୁନୀତାଙ୍କୁ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା । ଏହାପରେ ପୂର୍ବାହ୍ନ ପ୍ରାୟ ୧୨ଟାରେ ସୁନୀତା ଏକ ଝିଅକୁ ଜନ୍ମ ଦେଇଥିଲେ । ଏହାର ଏକ ଘଂଟା ପରେ ସୁନୀତାଙ୍କୁ ପରିବାର ଲୋକ ଦେଖିବା ପାଇଁ ଭିତରକୁ ଯାଇଥିଲେ । ଭିତରକୁ ଗଲା ପରେ ସୁନୀତାଙ୍କ ରକ୍ତସ୍ରାବ ହେଉଥିବା ଜାଣିବାକୁ ପାଇ କାର୍ଯ୍ୟରତ ନର୍ସଙ୍କୁ କହିଥିଲେ । ଏହାପରେ ନର୍ସ କହିଲେ ଯେ, ଅତ୍ୟଧିକ ରକ୍ତସ୍ରାବ ହେଉଛି । ତେଣୁ ବଲାଙ୍ଗିର ନେଇଯାଆନ୍ତୁ । ଏହା କହିବାର ପ୍ରାୟ ୨ ଘଂଟା ପରେ ବଲାଙ୍ଗିର ସ୍ଥାନାନ୍ତର କରିଥିଲେ । କିଛି ଉପାୟ ନପାଇ ପରିବାର ଲୋକେ ତୁରନ୍ତ ବଲାଙ୍ଗିର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ପହଂଚିବା ପରେ ଡାକ୍ତର କହିଥିଲେ ଯେ ପ୍ରଚୁର ପରିବାଣରେ ରକ୍ତସ୍ରାବ ହୋଇଯାଇଛି । ଆଉ ଆମେ କିଛି କରି ପାରିବୁ ନାହିଁ । ଏହାର କିଛି ସମୟ ପରେ ସୁନୀତାଙ୍କ ମୃତ୍ୟୁ ହୋଇଥିଲା । ମୃତ ସୁନୀତାଙ୍କ ନବଜାତ କନ୍ୟା ସହ ଆଉ ଗୋଟିଏ ଝିଅ ରହିଛି । ରକ୍ତସ୍ରାବ ହେଉଥିବା ଜାଣି ମଧ୍ୟ ୨ ଘଂଟା ବିଳମ୍ବରେ ବଲାଙ୍ଗିର ପଠାଇବା ଯୋଗୁଁ ମହିଳାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ୱାମୀ ରାମ



ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଡାକ୍ତରଙ୍କ ବିନା ଉପସ୍ଥିତିରେ କିପରି ଜଣେ ପ୍ରସବ ହେବାକୁ ଥିବା ମହିଳାକୁ ଡାକ୍ତରଖାନାରେ ଭର୍ତ୍ତି କରି ଜଣେ ମହିଳାଙ୍କ ଜୀବନ ସହ ଖେଳ ଖେଳିଲେ ବୋଲି ଜନସାଧାରଣରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ପ୍ରସବ କରି ଟଙ୍କା ନେବା ଘଟଣା ତୁଷୁରା ଡାକ୍ତରଖାନା ସବୁ ସମୟରେ ଚର୍ଚ୍ଚିତ ଥାଏ । ତେବେ ବିନା ଡାକ୍ତରରେ ପ୍ରସବ କରାଇବା ଏହା ଟଙ୍କା ଲୋଭ ପାଇଁ ନୁହେଁ ତ' ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ଅନ୍ୟପକ୍ଷରେ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ମଧ୍ୟ ରୋଗୀ ରେଜିଷ୍ଟରରେ ଏଣ୍ଟ୍ରି ନକରିବାର କାରଣ କ'ଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରସବ ସମୟରେ ସୁପ୍ରଭା ନାଗ, ସ୍ୱାଧୀନବାଳା ଦେଇ ଓ ବର୍ଷାରାଣୀ ଛତ୍ରିୟା ନର୍ସ ଦାୟିତ୍ୱରେ ଥିଲେ । ଏ ନେଇ ଡାକ୍ତରଖାନା ଦାୟିତ୍ୱରେ ଥିବା ଫାରମାସିଷ୍ଟ ଗୋପେଶ୍ୱର ସାହାଣୀ କହନ୍ତି ଯେ, ଏ ବିଷୟରେ ମୁଁ କିଛି ଜାଣି ନାହିଁ କି ନର୍ସମାନେ ମୋତେ ଜଣାଇ ନାହାନ୍ତି ଏବଂ ସେମାନେ ତାଙ୍କ ମର୍ଜିରେ କାର୍ଯ୍ୟ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଗତ ତିନି ଦିନ ହେଲା ଡାକ୍ତର ଛୁଟିରେ ଥିବାବେଳେ କେବଳ ଜଣେ ଫାର୍ମାସିଷ୍ଟଙ୍କ ଭରସାରେ ତୁଷୁରା ଚିକିତ୍ସାଳୟ ଚାଲିବା ଘଟଣା ସ୍ୱାସ୍ଥ୍ୟ ବିଭାଗର ପାରିବା ପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏଥିରୁ ଜଣାପଡୁଛି ଯେ, ନର୍ସମାନଙ୍କ ମନଇଚ୍ଛା କାର୍ଯ୍ୟ ଯୋଗୁଁ ଦୁଇ ଛୁଆ ମା'କୁ ହରାଇଲେ । ଅନ୍ୟପକ୍ଷରେ ପରିବାର ଲୋକେ ସୁନୀତାଙ୍କ ମୃତ୍ୟୁ ପରେ ସଂପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି । ଏ ନେଇ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ସୁମୀତ ମେହେର କହନ୍ତି ଯେ, ମୁଁ ଘଟଣାର ତଦନ୍ତ କରୁଛି, ଯଦି ଘଟଣାଟି ସତ୍ୟ ତେବେ ଦାୟିତ୍ୱରେ ଥିବା ନର୍ସଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଅନ୍ୟପକ୍ଷରେ ଅବହେଳା କରିଥିବା ନର୍ସମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ।

## ସଂପାଦକୀୟ

# ପାଠ ପଢ଼ା ପାଇଁ ବାଟ ଖୋଲିଲା

ଯାହା ବି ହେଉ, ଶେଷରେ ପାଠ ପଢ଼ା ପାଇଁ ବାଟ ଉନ୍ମୁକ୍ତ କରିଛନ୍ତି ରାଜ୍ୟ ସରକାର । ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ପାଠ ପଢ଼ା ୧୦୦ ଦିନ ହେବାକୁ ଧାର୍ଯ୍ୟ କରି ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଅନ୍ୟପଟେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମଧ୍ୟ ଖୋଲିବାକୁ ପଦକ୍ଷେପ ନିଆଯାଇ ସାରିଛି । ସବୁପ୍ରକାର କରୋନା କଟକଣାକୁ ମାନି ଛାତ୍ରଛାତ୍ରୀମାନେ ଅଧ୍ୟୟନ ପାଇଁ ସ୍କୁଲ କଲେଜ୍‌କୁ ଆସିବା ଆରମ୍ଭ କରିଛନ୍ତି । ଏହା ନିଶ୍ଚିତ ଯେ, ସେମାନଙ୍କ ମନରେ ବେଶ୍ ଉତ୍ସାହ ଦେଖାଦେଇଛି । ଦୀର୍ଘ ୧୦ ମାସ ଧରି ସ୍କୁଲଠାରୁ ବିଚ୍ଛିନ୍ନ ହୋଇଥିବା ଛାତ୍ରଛାତ୍ରୀମାନେ ପାଠ ପଢ଼ାକୁ ନେଇ ଅଣନିଶ୍ୱାସୀ ହୋଇ ପଡ଼ିଥିଲେ । ଏବେ ସେମାନଙ୍କ ମଧ୍ୟରେ ଟିକେ ଆଶ୍ୱସ୍ତି ଦେଖାଦେଇଛି । ତେବେ ଅନ୍ୟ ଶ୍ରେଣୀର ଛାତ୍ରଛାତ୍ରୀମାନେ କେବେ ସ୍କୁଲକୁ ଯିବେ, ତାହା ନେଇ ସେମାନେ ବେଶ୍ ଉତ୍ସାହର ସହ ଅପେକ୍ଷା କରିଛନ୍ତି । କିନ୍ତୁ ଏହା ବି ସତ ଯେ, ଛୋଟ ଛୋଟ ପିଲାମାନଙ୍କ ପାଇଁ ସଂକ୍ରମଣର ଭୟ ଅଧିକ ରହିଛି, ଯାହାକୁ ସରକାର ବିଶେଷ ଦୃଷ୍ଟିରେ ରଖିଛନ୍ତି । ତେବେ ସାରା ଦେଶରେ କରୋନା ସଂକ୍ରମଣ ଟିକେ ହାଲୁକା ହେବାରେ ଲାଗିଛି । ଏକ୍ରମରେ ଓଡ଼ିଶାରେ ମଧ୍ୟ ସଂକ୍ରମଣର ମାତ୍ରା ବିଶେଷ ଭାବେ କମିଥିବା ଅନୁମାନ କରାଯାଉଛି । ଏହାକୁ ଲକ୍ଷ୍ୟ ରଖି ତଥା ପିଲାମାନଙ୍କ ପାଠପଢ଼ାର ଗୁରୁତ୍ୱକୁ ହୃଦୟଙ୍ଗମ କରି ସରକାର ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି ।

ଏଠାରେ ଗୋଟିଏ କଥା ପ୍ରତି ଉଭୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ବିଶେଷ ଧ୍ୟାନରେ ରଖିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି । ଦୀର୍ଘ ଦିନର ମହାମାରୀ ସଂକ୍ରମଣର କରାଳତା ଯୋଗୁଁ ପାଠ ପଢ଼ାରେ ବିଶେଷ ମାନ୍ଦା ଅବସ୍ଥା ଆସିଥିଲା । ଅନ୍‌ଲାଇନ୍ ପାଠପଢ଼ା ଚାଲିଥିଲେ ସୁଦ୍ଧା ଏହା ଠିକ୍ ମାତ୍ରାରେ ପିଲାମାନଙ୍କ ପାଇଁ ଉପାଦେୟ ହୋଇ ପାରି ନଥିବା ଅନୁଧ୍ୟାନରୁ ଜଣାପଡ଼ିଛି । ଅଳ୍ପ ସମୟ ମଧ୍ୟରେ ଏବେ ଚଳିତ ବର୍ଷର ପାଠ ପଢ଼ା ଶେଷ କରିବା ପାଇଁ ଉଭୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ସଚେତନ ହେବା ଏକାନ୍ତ ଆବଶ୍ୟକ । ଉଭୟ ନିଷ୍ଠା ଏ ଦିଗରେ ସଫଳତା ଆଣିଦେଇ ପାରିବ । ଏଥିପାଇଁ ସରକାର ମଧ୍ୟ ରବିବାର ଦିନ ବି ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଅନେକାଂଶରେ ସ୍ୱାଗତଯୋଗ୍ୟ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।

ଅଭିଭାବକମାନଙ୍କର ମଧ୍ୟ ଏ କ୍ଷେତ୍ରରେ ବିଶେଷ ଭୂମିକା ରହିଛି । ପିଲାମାନଙ୍କୁ ଅଧ୍ୟୟନମୁହାଁ କରିବାର ଗୁରୁ ଦାୟିତ୍ୱ ତାଙ୍କର ନିଶ୍ଚୟ । ଛାତ୍ରଛାତ୍ରୀମାନେ ଗଭୀର ମନୋନିବେଶ କଲେ ଅବଶ୍ୟ ଆକାଂକ୍ଷାୟିତ ସାମର୍ଥ୍ୟ ହାସଲ୍ କରିପାରିବେ, ଏଥିରେ କୌଣସି ସଂଦେହ ନାହିଁ । ଆଗାମୀ ସମୟ ନିଶ୍ଚୟ ଏକ ସଫଳ ସମୟ ହୋଇ ଆମ ସାମ୍ନାରେ ଠିଆ ହେବ, ଏହି ବିଶ୍ୱାସ ନେଇ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକମାନେ ନିଜ କର୍ତ୍ତବ୍ୟରେ ବ୍ରତୀ ହେବା ଏକାନ୍ତ ବିଧେୟ ।

# ବ୍ୟବସ୍ଥା ଓ ଶିକ୍ଷା

**ଶରଦିନ୍ଦୁ ଭୂଷଣ ହୋତା**



ସାଂପ୍ରତିକ ସମୟରେ ଆମ ଦେଶର ସମଗ୍ର ଶିକ୍ଷା ବ୍ୟବସ୍ଥା ରାଜକୂଟର କବଳରେ ପଡ଼ିଯାଇଛି । ଦେଶ ପରାଧୀନ ଥିବା ଅବସ୍ଥାରେ ଇଂରେଜମାନେ ତାଙ୍କ ଔପନିବେଶିକ ସ୍ୱାର୍ଥର ପୂରଣ ପାଇଁ କୌଶଳ କ୍ରମେ ଏଭଳି ଏକ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ କରିଥିଲେ, ଯେଉଁଥିରେ କି ତାଙ୍କ ପ୍ରଶାସନ କଳକୁ ଚଳାଇ ରଖିବା ପାଇଁ ପ୍ରୟୋଜନ ପଡୁଥିବା କର୍ମଚାରୀ ବହୁଳ ଭାବରେ ସୃଷ୍ଟି ହୋଇପାରିବେ । ଏହି କାମରେ ସଫଳତା ହାସଲ ପାଇଁ ସେମାନେ ଯେଉଁ ଇଂରାଜୀ ପଢୁଆ ବାବୁ ଶ୍ରେଣୀର ସୃଷ୍ଟି କଲେ, ସର୍ବ ପ୍ରଥମେ ସେମାନଙ୍କୁ ସାଂସ୍କୃତିକ ଭାବେ ପରାଭୂତ କରିଦେବାର କୌଶଳ ଖଂଜିଲେ । ଇଂରାଜୀ ପାଠ ପଢ଼ି ବାବୁମାନେ ବହୁଳାଂଶରେ କୃଷ୍ଟିଗତ ପରାଭବତା ଭୋଗୀ ସାଂସ୍କୃତିକ ଭାବେ ଶକ୍ତିହୀନ ହୋଇପଡ଼ିଲେ । ସେଭଳି ଗୋଲାମ ମନୋବୃତ୍ତି ସଂପନ୍ନ ଦୁର୍ବଳ ବାବୁ ଶ୍ରେଣୀଙ୍କୁ ନେଇ ସେମାନେ ତାଙ୍କ ଶାସନ ପରିଚାଳନା କ୍ଷେତ୍ରରେ ଯାହା ଚାହିଁଲେ, ତାହା କରାଇନେଲେ । ଫଳରେ ସାମାଜିକ ସ୍ତରରେ ମଧ୍ୟ ଦେଶ ତା'ର ସାଂସ୍କୃତିକ ଅସ୍ମିତା ହରାଇ ବସିଲା ଏବଂ ପରାଧୀନତାକୁ ବାଧ୍ୟତଃ ପୋଷଣ ଯୋଗାଇବାର ଅସହାୟତା ଭିତରକୁ ଚାଲିଗଲା । ଯେଉଁମାନେ ବିଦେଶୀମାନଙ୍କ ଚକ୍ରାନ୍ତର ଶୀକାର ହୋଇ ଇଂରାଜୀ ଶିକ୍ଷାରେ ଦୋରସ୍ତ ହୋଇପାରିଲେ, ଦେଶରେ ତାଙ୍କର ସ୍ୱୀକୃତି ଏବଂ ସମାଦର କ୍ରମଶଃ ବଢ଼ି ଚାଲିଲା । ଫଳରେ ବୈଶିଷ୍ଟ୍ୟ ସମ୍ମତ ସ୍ୱଦେଶୀ ଶିକ୍ଷାକୁ ଗୌଣ ଦୃଷ୍ଟିରେ ଦେଖି ଅଧିକରୁ ଅଧିକ ପ୍ରବଳ ଭାବରେ ଇଂରାଜୀ ଶିକ୍ଷା ପାଇଁ ମୋହ ବଢ଼ିଗଲା । ଏଭଳି ଭାବରେ ସାଂସ୍କୃତିକ ମେରୁଦଣ୍ଡ ହୀନ ଗୋଟିଏ ଜନସମଷ୍ଟିଙ୍କୁ ଶାସନ କରିବାରେ ଇଂରେଜମାନଙ୍କର ଆଉ ବିଶେଷ କିଛି ଅସୁବିଧା ହେଲାନାହିଁ ।

ସ୍ୱାଧୀନତା ଆନ୍ଦୋଳନର ପର୍ଯ୍ୟାୟରେ ଜନସାଧାରଣଙ୍କର ଏହି ଅସହାୟତା ସଂକ୍ରାନ୍ତରେ ଗାନ୍ଧିଜୀ ତାଙ୍କ ଦୃଷ୍ଟିରେ ଅନେକ କିଛି କଳନା କରି ପାରିଥିଲେ । ସ୍ୱଦେଶୀ ଶିକ୍ଷାର ପ୍ରଚଳନ ନ ହେଲେ ଜନସମଷ୍ଟି ତା'ର ସାଂସ୍କୃତିକ ମେରୁଦଣ୍ଡ ଫେରି ପାଇବା ଅସମ୍ଭବ ବୋଲି ବିଚାର କରି ସେ ବୈକଳ୍ପିକ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ କରାଇଥିଲେ । ସ୍ୱଦେଶୀ ଶିକ୍ଷାରେ ଶିକ୍ଷିତ ସମାଜକର୍ମୀମାନେ ହିଁ ଯଥାର୍ଥରେ ସ୍ୱାଧୀନତା ସଂଗ୍ରାମରେ ନିଷ୍ଠାପର ଭାବରେ ଅଂଶଗ୍ରହଣ କରିପାରିବେ ବୋଲି ତାଙ୍କର ବିଶ୍ୱାସ ଥିଲା । ଅପରପକ୍ଷେ ବିଶ୍ୱକବି ରବିନ୍ଦ୍ରନାଥ ମଧ୍ୟ ଭାରତୀୟ ବୈଶିଷ୍ଟ୍ୟର ଭିତ୍ତିରେ ଏକ ଉଦାର ଏବଂ ଆନ୍ତର୍ଜାତିକ ଦୃଷ୍ଟି ସଂପନ୍ନ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରି ଶାନ୍ତିନିକେତନ ଗଠନ କରିଥିଲେ । ବିଶ୍ୱକବିଙ୍କର ଆନ୍ତର୍ଜାତିକତା ବିରୁଦ୍ଧରେ କୌଣସି ବିରୋଧୀ ମନୋଭାବ ନଥିଲେ ମଧ୍ୟ ଜାତୀୟ ବୈଶିଷ୍ଟ୍ୟ ଉପରେ ତାହା ଆଧାରିତ ହେବା ଉଚିତ ବୋଲି ଦୃଢ଼ ପ୍ରତ୍ୟୟ ଥିଲା । ଗାନ୍ଧିଜୀଙ୍କ ସ୍ୱଦେଶୀ ଶିକ୍ଷା ଏବଂ ବିଶ୍ୱକବିଙ୍କର ଶାନ୍ତିନିକେତନର ପରିକଳ୍ପନା ଯଦିଓ ଦେଶରେ ଶିକ୍ଷା ଚେତନାର ମୋଡ଼ ଫେରାଇବା ପାଇଁ ଯଥେଷ୍ଟ ସକ୍ଷମ ହୋଇଥିଲା, ତଥାପି ତାହା ବେଶୀ ଦୂର ଆଗେଇ ପାରିଲାନାହିଁ । ସେସବୁ ଯୁଗାନ୍ତକାରୀ ପଦକ୍ଷେପର ପ୍ରତିସ୍ପର୍ଦ୍ଧାରେ ଦେଶର ରାଜନୈତିକ ଶକ୍ତି ହିଁ ଉଭା ହେଲା । ସରକାର ସେଗୁଡ଼ିକର ପାଇଁ ଆଉ କୌଣସି ସହାୟକ ମନୋଭାବ ରଖିଲେ ନାହିଁ । ଦୁର୍ଭାଗ୍ୟ କ୍ରମେ ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଏବଂ ପରେ ଯଥାକ୍ରମେ ବିଶ୍ୱକବି ଏବଂ ଗାନ୍ଧିଜୀଙ୍କ ଦେହାନ୍ତ ହେଲା ।

ସ୍ୱାଧୀନତା ପ୍ରାପ୍ତି ପରେ ଆମ ଦେଶର ଶାସନ ବ୍ୟବସ୍ଥା ଯେଉଁମାନଙ୍କ ହାତରେ ରହିଲା, ସେମାନେ ଜନ୍ମତଃ ଭାରତୀୟ ହେଲେ ମଧ୍ୟ ଶିକ୍ଷା ଦୀକ୍ଷା ଏବଂ ମାନସିକତାରେ ସେଇ ବିଦେଶୀଙ୍କ ମୁଣ୍ଡର ପିତ୍ତ ଧରି ହିଁ ଚଳିଲେ । ଏପରିକି ଆମ ଦେଶର ସମ୍ବିଧାନ ମଧ୍ୟ ବିଦେଶୀଙ୍କ ଛାଂଚରେ ତିଆରି ହେଲା । ଭାରତୀୟ ବୈଶିଷ୍ଟ୍ୟକୁ ଆଧାର କରି ତହିଁରେ କୌଣସି ବୈପ୍ଳବିକ ଉପାଦାନ ରହିପାରିଲା ନାହିଁ । ଇଂରେଜମାନେ ଚାଲିଗଲେ, ମାତ୍ର ସେମାନେ ଯାହା ଶିଖାଇଥିଲେ ସେଇ କଳାକୌଶଳ ଧରି ହିଁ ଦେଶୀ ଶାସକମାନେ ଶାସନ କଲେ । ଶିକ୍ଷାର ପରିପ୍ରେକ୍ଷୀରେ ବିଚାର କଲେ କୌଣସି ନୂତନ ଜୀବନାଭିମୁଖୀ ଆଭିମୁଖ୍ୟ ନୂତନ ଭାବରେ ଗ୍ରହଣ କରାଗଲା ନାହିଁ । ସେଇ ବିଦେଶୀ ପ୍ରଭୁମାନଙ୍କ ଭଳି ନୂଆ ଶାସକମାନେ ମଧ୍ୟ ରାଷ୍ଟ୍ର ଯନ୍ତ୍ରର ପରିଚାଳନା ପାଇଁ ଲେଖାପଢ଼ାରେ ଦୋରସ୍ତ କେବଳ କିଛି କର୍ମଚାରୀ ସୃଷ୍ଟିର

(ସପ୍ତମ ପୃଷ୍ଠା ଦେଖନ୍ତୁ)

# କୋଭିଡ ଟୀକାଦାନ ସଂପର୍କରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

ନୂଆଦିଲ୍ଲୀ, (ପିଆଇବି): ଦେଶରେ କୋଭିଡ ଟୀକା ପ୍ରଦାନ ସଂପର୍କରେ ପ୍ରସ୍ତୁତି ଓ ସ୍ଥିତି ଆଦି ଆକଳନ କରିବା ପାଇଁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭିଡିଓ କନଫରେନ୍ସିଂ ବ୍ୟବସ୍ଥାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ କୋଭିଡ ଟୀକାଦାନର ସବିଶେଷ ପ୍ରସ୍ତୁତି ଏବଂ ସ୍ଥିତି ସଂପର୍କରେ ସମୀକ୍ଷା କରାଯାଇଛି ।

## ଭୂତାଣୁ ବିରୋଧରେ ସମ୍ମନ୍ୱିତ ଲଢେଇ

ଆଜି ଏହି ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ତାଙ୍କ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ପରେ ସେ କରୋନା ବିରୋଧୀ ଲଢେଇରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ନିରନ୍ତର ଯୋଗାଯୋଗ ଏବଂ ସମନ୍ୱୟର ଉଚ୍ଚପ୍ରଶଂସା କରି କହିଥିଲେ ଯେ ଏହି ସମନ୍ୱୟ ଫଳରେ ଠିକ ସମୟରେ ନିଷ୍ପତ୍ତି ଗ୍ରହଣ କରା ଯାଇପାରିଥିଲା । ଏହାଦ୍ୱାରା ଭୂତାଣୁ ବିରୋଧୀ ଲଢେଇରେ ନିର୍ଣ୍ଣାୟକ ଭୂମିକ ଗ୍ରହଣ କରିବା ସହଜ ହୋଇଥିଲା; ଫଳରେ ଦେଶରେ ସଂକ୍ରମଣ ନିୟନ୍ତ୍ରଣାଧୀନ ହୋଇପାରିଛି । ଅନ୍ୟାନ୍ୟ ଦେଶରେ ମଧ୍ୟ ଏହି ରୋଗର ପ୍ରଭାବ ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କରୋନା ସଂକ୍ରମଣ ଆରମ୍ଭ କାଳରେ ଲୋକଙ୍କ ଭିତରେ ଯେଉଁ ଭୟ ଓ ଆଶଂକା ଥିଲା, ତାହା ଏବେ ହ୍ରାସ ପାଇଛି । ମହାମାରୀର ଆତଙ୍କ କମିଥିବା ବେଳେ ଅର୍ଥନୈତିକ କାର୍ଯ୍ୟକ୍ରମଗୁଡ଼ିକରେ ଆସ୍ତିବାଚକ ଓ ବିଶ୍ୱାସ ସୃଷ୍ଟିକାରୀ ଉପଲବଧି ପ୍ରତିଫଳିତ ହୋଇଛି । ଏହି ଲଢେଇରେ ରାଜ୍ୟ ସରକାରମାନେ ମନପ୍ରାଣ ଦେଇ ନିଜକୁ ନିୟୋଜିତ କରିଥିବାରୁ ତାହାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ବିଶ୍ୱର ସର୍ବବୃହତ ଟୀକାଦାନ ଅଭିଯାନ

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କରୋନା ବିରୋଧୀ ଲଢେଇରେ ଭାରତ ଏବେ ନିର୍ଣ୍ଣୟାତ୍ମକ ସ୍ଥିତିରେ ପହଂଚିଛି । ଚଳିତ ଜାନୁୟାରୀ ୧୬ ତାରିଖରେ ଭାରତରେ ବିଶ୍ୱର ସର୍ବବୃହତ ଟୀକାଦାନ ଅଭିଯାନ ଆରମ୍ଭ ହେବ । ସେ ଆହୁରି କହିଛନ୍ତି ଯେ ଭାରତରେ ଜରୁରୀକାଳୀନ ବ୍ୟବହାର ପାଇଁ ଯେଉଁ ଦୁଇଟି ଯାକ ଟୀକାକୁ ଅନୁମତି ପ୍ରଦାନ କରାଯାଇଛି ତାହା ଆମ ଦେଶରେ ତିଆରି । ଏହି ଦୁଇଟି ଟୀକା ବିଶ୍ୱର ଅନ୍ୟତ୍ର ଉତ୍ପାଦିତ ଟୀକାଠାରୁ ଅପେକ୍ଷାକୃତ ଶସ୍ତା । ଭାରତ ଯଦି ନିଜେ ଟୀକା ଉତ୍ପାଦନ ନ କରି ଅନ୍ୟ ଦେଶ ଉପରେ ନିର୍ଭର କରିଥାନ୍ତା ସେଥିପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସେ ଆହୁରି କହିଛନ୍ତି ଯେ ଟିକା ପ୍ରଦାନରେ ଭାରତର ବ୍ୟାପକ ଓ ସୁଦୀର୍ଘ ଅଭିଜ୍ଞତା ଏହି ପ୍ରୟାସରେ ବିଶେଷ ସହାୟକ ହେବ । ବିଶେଷଜ୍ଞ ଏବଂ ବୈଜ୍ଞାନିକ ସମୁଦାୟଙ୍କ ପରାମର୍ଶ କ୍ରମେ କେଉଁମାନଙ୍କୁ ଆଗ ଟିକା ଦିଆଯିବ ତାହା ସ୍ଥିର ହୋଇଛି । ଏଥିରେ ରାଜ୍ୟମାନଙ୍କର ପରାମର୍ଶ ମଧ୍ୟ ଗ୍ରହଣ କରାଯାଇଛି । ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରର ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଏହି ଟୀକା ପ୍ରଦାନ କରାଯିବ । ସେମାନଙ୍କ ସହିତ ସଫେଇ କର୍ମଚାରୀ, କରୋନା ଯୁଦ୍ଧର ସମ୍ମୁଖଧାଡିର ଯୋଦ୍ଧା, ପୁଲିସ, ଅର୍ଦ୍ଧସାମରିକ ବାହିନୀର ଯବାନ, ହୋମଗାର୍ଡ, ବିପର୍ଯ୍ୟୟ ପରିଚାଳନାରେ ସଂପୃକ୍ତ ସ୍ୱେଚ୍ଛାସେବୀ, ସେବସାମରିକ ସଂସ୍ଥାର ଯବାନ, କରୋନା ମୁକାବିଲାରେ ସଂପୃକ୍ତ ରାଜସ୍ୱ ଅଧିକାରୀ ଆଦିଙ୍କୁ ପ୍ରଥମ ପର୍ଯ୍ୟାୟରେ ଏହି ଟୀକା ପ୍ରଦାନ କରାଯିବ । ଏସବୁ ଲୋକଙ୍କ ସଂଖ୍ୟା ପ୍ରାୟ ୩ କୋଟି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ଏହି ୩ କୋଟି ଲୋକଙ୍କୁ ପ୍ରଥମ ପର୍ଯ୍ୟାୟ ଟୀକାଦାନରେ ଯେଉଁ ଅର୍ଥ ଖର୍ଚ୍ଚ ହେବ ତାହାକୁ କେନ୍ଦ୍ର ସରକାର ବହନ କରିବେ । ଏ ବାବଦରେ କୌଣସି ରାଜ୍ୟ ସରକାରଙ୍କୁ ଅର୍ଥ ଖର୍ଚ୍ଚ କରିବାକୁ ପଡିବ ନାହିଁ ।

ଦ୍ୱିତୀୟ ପର୍ଯ୍ୟାୟରେ ୫୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଏବଂ ୫୦ ବର୍ଷରୁ କମ ବ୍ୟକ୍ତିବିଶେଷ ଯେଉଁମାନେ ବିଭିନ୍ନ ପ୍ରକାର ଗୁରୁତର ବ୍ୟାଧିରେ ପୀଡିତ ସେମାନଙ୍କୁ ଟୀକା ଦିଆଯିବ । ଏହି ଦୁଇ ବର୍ଗର ଲୋକ ସଂକ୍ରମିତ ହେବାର ଅଧିକ ଆଶଂକା ଥିବାରୁ ସେମାନେ ଦ୍ୱିତୀୟ ପର୍ଯ୍ୟାୟରେ ଟୀକା ନେବେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ଟୀକାଦାନ ପାଇଁ ଭିତ୍ତିଭୂମି ଓ ସାମଗ୍ରୀ ଯୋଗାଣ ଆଦି କାର୍ଯ୍ୟ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ଶେଷ ହୋଇଛି । ଏଥିପାଇଁ ସମଗ୍ର ଦେଶରେ ଅଭ୍ୟାସମୂଳକ ଟୀକାଦାନ କାର୍ଯ୍ୟ ସଫଳତାର ସହ ସଂପନ୍ନ କରାଯାଇଛି । ସେ କହିଛନ୍ତି ଯେ କରୋନା ନେଇ ଆମର ନୂଆ ପ୍ରସ୍ତୁତି ଏବଂ ଷ୍ଟାଣ୍ଡାର୍ଡ ଅପରେସନ ପ୍ରସିଜିଓରକୁ ଆମର ପୁରୁଣା ସାର୍ବଜନୀନ ଟିକାଦାନ କାର୍ଯ୍ୟକ୍ରମ ଓ ନିର୍ବାଚନ ପରିଚାଳନା ବ୍ୟବସ୍ଥା ସହ ଯୋଡିବାକୁ ପଡିବ । ନିର୍ବାଚନରେ ଯେପରି ବୁଥ୍‌ସ୍ତରୀୟ ରଣନୀତି ପ୍ରସ୍ତୁତ କରାଯାଏ ଏହି ଟୀକାଦାନରେ ସମାନ ରଣନୀତି ଅବଲମ୍ବନ କରାଯିବ ।



- ପ୍ରଥମ ପର୍ଯ୍ୟାୟରେ ୩ କୋଟି ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧାଙ୍କୁ ଟୀକା ଦେବା ପାଇଁ ରାଜ୍ୟ ସରକାରମାନଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିବ ନାହିଁ : ପ୍ରଧାନମନ୍ତ୍ରୀ
- କୋ-ୱିନ ଡିଜିଟାଲ ପ୍ଲାଟଫର୍ମ ଟୀକାଦାନ କାର୍ଯ୍ୟକ୍ରମ ଓ ଟୀକା ନେବାର ଡିଜିଟାଲ ପ୍ରମାଣପତ୍ର ପ୍ରଦାନରେ ସହାୟତା କରିବ
- ଆସନ୍ତା କେଇମାସ ମଧ୍ୟରେ ଭାରତ ୩୦ କୋଟି ଲୋକଙ୍କୁ ଟୀକା ଦେବାର ଲକ୍ଷ୍ୟ ରଖିଛି : ପ୍ରଧାନମନ୍ତ୍ରୀ
- ବାର୍ଡ ଫ୍ଲୁର ମୁକାବିଲା ପାଇଁ ଯୋଜନା ଆରମ୍ଭ ହୋଇଛି; ନିରନ୍ତର ସତର୍କତା ଏକାନ୍ତ ଅପରିହାର୍ଯ୍ୟ : ପ୍ରଧାନମନ୍ତ୍ରୀ

## କୋ- ୱିନ

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଟୀକାଦାନ ଅଭିଯାନରେ ସବୁଠୁ ବଡ଼ ବିଷୟ ହେଲା କେଉଁମାନେ ଟୀକା ନେବା ଆବଶ୍ୟକ ସେମାନଙ୍କୁ ଚିହ୍ନଟ କରି ଏହାର ତଦାରଖ ବ୍ୟବସ୍ଥା କରିବା । ସେଥିପାଇଁ କୋ-ୱିନ ଡିଜିଟାଲ ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି । ଆଧାର ସହାୟତାରେ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯିବ ଏବଂ ଠିକ ସମୟରେ ସେମାନଙ୍କୁ ଦ୍ୱିତୀୟ ଡୋଜ ଟୀକା ଦେବା ନିଶ୍ଚିତ କରାଯିବ । ଏହି ଟୀକାଦାନ ଅଭିଯାନ ପାଇଁ ଯେଉଁସବୁ ବାସ୍ତବକାଳୀନ ତଥ୍ୟାବଳୀ କୋ-ୱିନରେ ଅପ୍‌ଲୋଡ ହୁଏ ତାହା ବିଶେଷ ଗୁରୁତ୍ୱ ବହନ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଜଣେ ଲୋକ ପ୍ରଥମ ଡୋଜ ଟୀକା ନେଇ ସାରିବା ପରେ କୋ-ୱିନ ତୁରନ୍ତ ଟୀକା

(ସପ୍ତମ ପୃଷ୍ଠା ଦେଖନ୍ତୁ)

# ବିଚିତ୍ର ଅନ୍ଧବିଶ୍ୱାସ : ମୃତ ଶବର ଜୀବନ ଫେରିବା ଆଶାରେ ଦୀର୍ଘ ୧୦ ଦିନ ଧରି ଘରେ ରଖିଥିଲେ ଶବ, ସଂକଳ୍ପ ପରିବାର ପହଂଚି ଶବ ସତ୍କାର କଲା



ବରଗଡ, (ନିପ୍ର) : ମଣିଷର ମୃତ୍ୟୁ ହେବା ପରେ ଆଉ ସେ ଜୀବନ ଫେରି ପାଏନାହିଁ, ଏହା ସମସ୍ତଙ୍କୁ ଜଣା । ବହୁ ପୁରାତନ କାଳରେ ମୃତ ଶବକୁ ଯନ୍ ସହକାରେ ରଖୁଥିଲେ ମୃତକର ଜୀବନ ଫେରି ପାଇବା ଆଶାରେ, ଯାହା ଏକ ଅନ୍ଧବଶ୍ୱାସ ଥିଲା । ମାତ୍ର ବର୍ତ୍ତମାନର ଆଧୁନିକ ଯୁଗରେ ଯଦି ମୃତ ଶବକୁ ଦଶ ଦିନ ଧରି ଘରେ ରଖାଯାଏ ମୃତକଙ୍କ ଜୀବନ ଫେରିବା ଆଶାରେ, ବୋଧହୁଏ ଏହାକୁ କେହି ବିଶ୍ୱାସ କରିପାରିବେ ନାହିଁ । କିନ୍ତୁ ମୃତ ଶବର ଜୀବନ ଫେରିବା ଆଶାରେ ଶବ ପଚ଼ିସଢି ଦୁର୍ଗନ୍ଧରେ ଏରିଆ ଫାଟିପଡୁଛି, ପୋକ ସାଲୁବାଲୁ ହୋଇ ଘରେ ବୁଲୁଛନ୍ତି, ତଥାପି ଶବର ଜୀବନ ଫେରିବା ଆଶାରେ ପରିବାର ଲୋକେ ଶବକୁ ଘରେ ରଖିଥିବା ପରି ଏକ ଅଜବ ଘଟଣା ଦେଖିବାକୁ ମିଳିଛି ବରଗଡ ସହରରେ । ଆଜିର ଯୁଗରେ ପୁଣି ବରଗଡ ସହରରେ ଏପରି ଅନ୍ଧବିଶ୍ୱାସ ଘଟଣା ଦେଖିବାକୁ ମିଳିଛି । ଏପରି ଘଟଣାର ଖବର ପାଇବା ପରେ ଘଟଣା ସ୍ଥଳକୁ ବରଗଡର ସଂକଳ୍ପ ପରିବାର ପହଂଚିଥିଲା ଏବଂ ପୋଲିସ ପ୍ରଶାସନର ସହାୟତାରେ ଶବକୁ ସତ୍କାର କରିଥିଲା । ବରଗଡ ବରଡୋଲ ପଂଚାୟତ ଡାଙ୍ଗ ଛକ ଠାରେ ମହେନ୍ଦ୍ର ବାଗ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିଲା । ତେବେ ପରିବାରରେ ଦୁଇ ଝିଅ, ସ୍ତ୍ରୀ ଓ ଶାଶୁ ଥିବା ବେଳେ ଘର ଚଳାଉଥିବା ଏକମାତ୍ର ପୁରୁଷଙ୍କ ମୃତ୍ୟୁ ପରେ ପରିବାର ଲୋକେ ଶବକୁ ସତ୍କାର ନକରି ଜୀବନ ଫେରିପାଇବା ଆଶାରେ ଦୀର୍ଘ ୧୦ ଦିନ ଧରି ଘରେ ରଖିଥିଲେ । ଆଶ୍ଚର୍ଯ୍ୟର ବିଷୟ ଯେ, ଦୁର୍ଗନ୍ଧରେ ନାକ ଫାଟି ପଡୁଥାଏ, ଘରର ପାଖ ମାଡିହେଉ ନଥାଏ, ମାତ୍ର ଗୋଟେ କୋଠରୀ ଭିତରେ ଏତେ ଦିନ ଧରି ପରିବାରର ୪ ଜଣ ରହି ଯାଉଥିଲେ । ଏହା ପରିବାର ଲୋକଙ୍କ ଅନ୍ଧବିଶ୍ୱାସ ହୋଇପାରେ କିମ୍ବା ଅଧିକ ଭଲପାଇବା ଓ ପାଗଳାମୀ ମଧ ହୋଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି । ତେବେ ବରଗଡର ସଂକଳ୍ପ ପରିବାର ବରଗଡ ଟାଉନ ପୋଲିସର ସହାୟତାରେ ଏହି ଶବକୁ ଉଦ୍ଧାର କରି ଶବସତ୍କାର କରିଥିବା ଜଣାପଡିଛି ।

# ରାଣୀପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ମୋ ସ୍କୁଲ ଅଭିଯାନ'

ପୁଇଁନ୍ତଲା, (ନିପ୍ର) : ଆଜି ମଧ୍ୟାହ୍ନରେ ରାଣୀପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ମୋ ସ୍କୁଲ ଅଭିଯାନ' ବୈଠକ ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷକ ଧର୍ମାନନ୍ଦ ପ୍ରଧାନଙ୍କ ଆବାହକତ୍ୱରେ ୨୪ ଜଣ ପୁରାତନ ଛାତ୍ର ଯୋଗ ଦେଇଥିଲେ ।

ସାଧନ କେନ୍ଦ୍ର ସଂଯୋଜକ ରାଜକୁମାର ବରାଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ରମାନଙ୍କ ମଧ୍ୟରୁ ଏକ ତେର ଜଣିଆ କମିଟି ଗଠନ କରାଯାଇ ଧନୁର୍ଜୟ ସିଂହଙ୍କୁ ସର୍ବସମ୍ମତି କ୍ରମେ ସଭାପତି ଭାବରେ ମନୋନୀତ କରାଯାଇଛି । ପୁରାତନ ଛାତ୍ର ୨୪ ଜଣଙ୍କ ମଦ୍ୟରୁ ୧୪ ଜଣ ପୁରାତନ ଛାତ୍ର ମୋ' ସ୍କୁଲ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ୭୬୦୦ ଟଙ୍କା ସହଯୋଗ ରାଶି ଘୋଷଣା କରିଥିଲେ । ସଭାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ନିକିତା ରାଉତ, ଏସ୍ଏମ୍ସି ସଭାପତି ଶ୍ରବଣ ବାରିକ, ସକ୍ମା ସମିତି ସଭ୍ୟ ଭାସ୍କର ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ବଙ୍ଗୋମୁଣ୍ଡା ବ୍ଲକର ୨୪ ହାଇସ୍କୁଲ ଓ ୩ କଲେଜ ଖୋଲିଲା

ବଙ୍ଗୋମୁଣ୍ଡା, (ନିପ୍ର) : କୋଭିଡ କଟକଣା ମଧରେ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ୨୪ ଗୋଟି ହାଇସ୍କୁଲ ଓ ୩ କଲେଜକୁ ଖୋଲିବା ପାଇଁ ଆଜି ଠାରୁ ରାଜ୍ୟ ସରକାରଙ୍କ ଅନୁମତି ହୋଇଛି । ତେଣୁ ସ୍କୁଲ ପରିସର ଗୁଡିକୁ ସଫାସୁତୁରା କରାଯାଇଛି । ଶ୍ରେଣୀ କକ୍ଷ ବାହାର ଓ ଭିତରକୁ ସଫା କରାଯିବା ସହ ଛାତ୍ରଛାତ୍ରୀ ମାନଙ୍କ ବସିବା ଲାଗି ଉଦ୍ଦିଷ୍ଟ ବେଂଚ ଓ ଚୌକିକୁ ବିଶୋଧନ କରାଯାଇଛି । ସ୍କୁଲ ପରିସରରେ ଗୋଲକ ଅଙ୍କନ କରାଯାଇଛି । ଏହି ଗୋଲକ ମଧରେ ଛାତ୍ରଛାତ୍ରୀ ଛିଡା ହୋଇ ସାମାଜିକ ଦୂରତା ରକ୍ଷା ପୂର୍ବକ ସ୍କୁଲରେ ପ୍ରବେଶ କରିଛନ୍ତି । ପରେ ମୁଖ୍ୟ ଦ୍ୱାରରେ ସାନିଟାଇଜ୍ ପରେ ଶ୍ରେଣୀ କକ୍ଷକୁ ଛାତ୍ରଛାତ୍ରୀ ମାନଙ୍କୁ ଛଡା ଯାଇଥିଲା । ଶ୍ରେଣୀ କକ୍ଷ ଓ ସ୍କୁଲ ପରିସରରେ ମାସ୍କ ବ୍ୟବହାର କରିବା ବାଧ୍ୟତାମୂଳକ କରାଯାଇଛି । ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସାବୁନ୍ ଓ ସାନିଟାଇଜର ବ୍ୟବହାର, କାଶିବା ଓ ଛିଙ୍କିବା ବେଳେ ରୁମାଲ୍ ବ୍ୟବହାର, ଛେପ ପକାଇବାକୁ ବାରଣ, ଏକତ୍ର ଜମା ହେବା ତଥା ଖେଳାଖେଳିକୁ ବାରଣ, ଖେଳ ଉପକରଣ ସ୍କୁଲକୁ ଆଣିବାକୁ ମନା କରାଯାଇଛି । ଏପରିକି ଅଭିଭାବକ ମାନେ ତାଙ୍କ ଶିଶୁ ମାନଙ୍କୁ ସ୍କୁଲ ପଠାଇବା ଲାଗି ସମ୍ମତିପତ୍ର ପଠାଇବାର ନିୟମ ରହିଥିବା ଜଣାପଡିଛି ।

# ବେଲପଡା ପଂଚାୟତକୁ ପରିଦର୍ଶନ କଲେ କଣ୍ଟାବାଞ୍ଜି ବିଧାୟକ

ବଙ୍ଗୋମୁଣ୍ଡା, (ନିପ୍ର) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡା ପଂଚାୟତ କାର୍ଯ୍ୟାଳୟକୁ ପରିଦର୍ଶନ କରିଛନ୍ତି କଣ୍ଟାବାଞ୍ଜି ବିଧାୟକ । ଆୟୋଜିତ ପଂଚାୟତ ସଭାଗୃହ ଠାରେ ଏକ ସାଧାରଣ ବୈଠକରେ ବେଲପଡା ପଂଚାୟତ ସରପଂଚ ଅଞ୍ଜନା ମେହେରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ସମ୍ମାନୀୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ସରପଂଚ ସଂଘର ସଭାପତି ତଥା ଭାଲୁମୁଣ୍ଡା ସରପଂଚ ଉପେନ୍ଦ୍ର ମେହେର, ନାଏବ ସରପଂଚ ରମେଶ ପୋଡ, ଟିକଚନ ମେହେର, ବାଳମକୁନ୍ଦ ମେହେର, ବୀର ମେହେର, ମକରନ୍ଦ ପୋଡ, ଗୋକୁଳ ମେହେର, ଜିତେନ୍ଦ୍ର ତାଣ୍ଡି, ଯାଦବ ବେହେରା, ପରମେଶ୍ୱର ମେହେର, ଟଙ୍କଧର ମେହେର, ଜଗନ୍ନାଥ ଷାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ । ପଂଚାୟତରେ ଅନେକ ବୃଦ୍ଧବୃଦ୍ଧା ମାନଙ୍କ ବାର୍ଦ୍ଧକ୍ୟ ଭତ୍ତା, ରାସନକାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଗୃହ, ପାର୍କର ଉନ୍ନତି କରଣ, ପାନୀୟ ଜଳର ସୁବ୍ୟବସ୍ଥା କରିବା ପାଇଁ ଆଗାମୀ ଦିନରେ ଅଧିକାରୀମାନଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶୃତି ଦେଇଥିଲେ । ସୂଚନାଯୋଗ୍ୟ ଯେ, କଂଟାବାଂଜି ବିଧାୟକ ସବୁବେଳେ ନିଜ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ସହ ସଂପର୍କ ରକ୍ଷା କରି ସେମାନଙ୍କ ଦୁଃଖସୁଖରେ ସହଭାଗୀ ହେଉଥିବା ଯୋଗୁଁ ସାଧାରଣରେ ତାଙ୍କ ପ୍ରଶଂସା କରାଯାଇଛି ।

# ସ୍କୁଲ ପ୍ରବେଶ ଦିନରେ ଛାତ୍ରଛାତ୍ରୀଙ୍କୁ କୋଭିଡ-୧୯ ସଚେତନତା

ସୁବର୍ଣ୍ଣପୁର, (ନିପ୍ର) : ଯେତେଦିନ ପର୍ଯ୍ୟନ୍ତ କରୋନା ଟୀକା ଆସିନାହିଁ, ସେତେ ଦିନ ପର୍ଯ୍ୟନ୍ତ ସାମାଜିକ ଦୂରତା, ମାସ୍କ ପରିଧାନ କରିବା, ବାରମ୍ବାର ହାତ ଧୋଇବା ଆଦି ସତର୍କତା ମୂଳକ ପଦକ୍ଷେପକୁ ଆପଣେଇ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏସ୍ଓପି ଅନୁପାଳନ କରି ବିଦ୍ୟାଳୟରେ ପାଠପଢା କାର୍ଯ୍ୟକ୍ରମରେ ପ୍ରତିବଦ୍ଧତା ସହିତ ସମସ୍ତ ଛାତ୍ରଛାତ୍ରୀ ଆଗେଇ ଆସିବା ହିଁ ବର୍ତ୍ତମାନର ସର୍ବୋତ୍କୃଷ୍ଟ ଆହ୍ୱାନ । ଏହି ଭାବନାକୁ ସମ୍ମାନ ଜଣାଇ ଡୁଙ୍ଗୁରିପାଲି ବ୍ଲକର ମାହାବର୍ହା ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ସ୍କୁଲ ପରିସରରେ ବିଦ୍ୟାରମ୍ଭ କରିବା ପ୍ରକ୍ରିୟାରେ ଅଂଶଗ୍ରହଣ କରିଛନ୍ତି । ପ୍ରଥମେ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ପ୍ରବେଶ ଦ୍ୱାରରେ ସ୍ୱାଗତ କରାଯାଇ ସେମାନଙ୍କୁ ସାନିଟାଇଜ୍ କରାଯାଇଥିଲା ଓ ମାସ୍କ ବଂଟନ କରାଯାଇ ତାକୁ ପରିଧାନ କରିବାର ଉପଯୁକ୍ତ ପଦ୍ଧତି ବିଷୟରେ ବୁଝାଯାଇଥିଲା । ସମସ୍ତଙ୍କୁ ଜଣ ଜଣ କରି ଶ୍ରେଣୀଗୃହରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ୬ଫୁଟ ବ୍ୟବାଧାନରେ ନିଜ ନିଜର ନିର୍ଦ୍ଦିଷ୍ଟ ସିଟରେ ବସିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତତ୍ପରେ ଶିକ୍ଷକ ଓ କର୍ମଚାରୀଙ୍କ ଉପସ୍ଥିତିରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ବସନ୍ତ କୁମାର ହୋତା ସରକାରଙ୍କୁ ଦ୍ୱାରା ଜାରି କରାଯାଇଥିବା ଏସ୍ଓପିକୁ ପଢି ଶୁଣାଇଥିଲେ ଏବଂ ସମସ୍ତ ନିୟମକୁ ମାନିଚାଲି ବିଦ୍ୟାଳୟରେ ଶିକ୍ଷାଦାନ ପ୍ରକ୍ରିୟାରେ ସମସ୍ତେ ସହ ଯୋଗ କରିବାକୁ ବୁଝାଇଥିଲେ । କାର୍ଯ୍ୟକ୍ରମକୁ ପରାମର୍ଶଦାତା ତଥା ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ମନୋଜ କୁମାର ପୂଜାରୀ, ନନ୍ଦିଘୋଷ ବାରିକ, ପ୍ରହଲ୍ଲାଦ ଦାଶ, ସଂଜୀବ କୁମାର ପୂଜାରୀ, ବିଭୀଷଣ ଖମାରି, କିଶୋର ଚନ୍ଦ୍ର ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିବସରେ ଅନ୍ତିମ ପର୍ଯ୍ୟାୟରେ ଏବିଇଓ ଦିଲ୍ଲୀପ କୁମାର ମେହେର ଏବଂ ସଓଆରସିସି ନରେନ୍ଦ୍ର କୁମାର ପୁରୋହିତ ବିଦ୍ୟାଳକୁ ଆସି ମନିଟରିଂ କରିଥିଲେ । ଶେଷରେ ସ୍କାଉଟ ମାଷ୍ଟର ତଥା ଜିଲ୍ଲା ସ୍କାଉଟ ତାଲିମ କମିଶନର ଦୀନବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଇଁନ୍ତଲା ବିଡିଓ ଦେବାଶିଷଙ୍କୁ ସାଧାରଣରେ ପ୍ରଶଂସା

ସଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲାରେ ନେତା ଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ପିସି ନେବାରେ ନୂଆଁ କଥା ନୁହଁ । ଅନେକ ସରକାରୀ ବାବୁ ମାନେ କେତେବେଳେ ଭିଜିଲାନ୍ସ ଜାଲରେ ପଡି ଯାଆନ୍ତି, ତ ଆଉ କେତେବେଳେ ନିଜେ ଦୁର୍ନୀତି କରି ଟଙ୍କା ହଡ଼ପ୍ କରନ୍ତି । ହେଲେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକରେ କିଛି ମାସ ହେଲା ବିଡିଓ ଭାବରେ ଦେବାଶିଷ ସାମଲ ଯୋଗ ଦେଇଛନ୍ତି ଏବଂ ଲୋକଙ୍କ ପାଇଁ ପ୍ରସଂଶନୀୟ ହୋଇ ପାରିଛନ୍ତି । ସରଳ ତଥା ସ୍ପଷ୍ଟ ଭାବେ ସମସ୍ତଙ୍କ ସହ କଥାବାର୍ତ୍ତା କରନ୍ତି । ଅନ୍ୟ କେତେକ ବ୍ଲକରେ ଲୋକେ ବିଡିଓଙ୍କ ପାଖକୁ ଗଲେ କଥା ହେବା ପାଇଁ ଭୟ କରି ଥାଆନ୍ତି, କିନ୍ତୁ ଏହି ବ୍ଲକରେ ଓଲଟା । ସେ କଥା କମ୍ କୁହନ୍ତି, ହେଲେ କାମ ବେଶି କରନ୍ତି । ସେଥିପାଇଁ ତ ଏବେ ଲୋକଙ୍କ ଶ୍ରଦ୍ଧାଭାଜନ ହୋଇ ପାରିଛନ୍ତି । କରୋନା ମହାମାରୀ ସମୟରେ ପ୍ରବାସୀ ଓଡିଆ ମାନଙ୍କ ପାଇଁ ମନରେଗା ଯୋଜନାରେ କାମ ଯୋଗାଇ ଦେଇଥିବା ବେଳେ ସେ ଗତ କିଛି ମାସ ତଳେ ମନରେଗା ଯୋଜନରେ ସଇଁନ୍ତଲା ବ୍ଲକ ନମ୍ବର ୧ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ ପୁରସ୍କୃତ ହୋଇ ସାରିଛନ୍ତି । ଲୋକଙ୍କ ସମସ୍ୟା ଅଭିଯୋଗ ଆସିଲେ ସଙ୍ଗେ ସଙ୍ଗେ ସମାଧାନ କରିବା ସହ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଥାଆନ୍ତି । ରାଜ୍ୟ ସରକାରଙ୍କ ମୋ ବଗିଚା ଯୋଜନାକୁ ମଧ ସଫଳ କରିବା ସହ ଏହି ଯୋଜନା



ମାଧମରେ ଅନେକ ଗୃହିଣୀ ମହିଳା ମାନଙ୍କୁ ଏସଏଚଜି ମାଧମରେ ରୋଜଗାର ମଧ ଦେଇସାରିଛନ୍ତି । ସ୍ୱଚ୍ଛ ସୁନ୍ଦର ପରିବେଶ ରଖିବା ପାଇଁ ତାଙ୍କର ଇଚ୍ଛା ଶକ୍ତି ଅନେକ ରହିଛି । ଦୁର୍ନୀତିକୁ ପ୍ରଶ୍ରୟ ଦେଉନଥିବା ବିଡିଓ ସଇଁନ୍ତଲା ବ୍ଲକରେ ଶ୍ରୀ ସାମଲ୍ ହେଉଛନ୍ତି ପ୍ରଥମ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଅନେକ ନିରୀହ, ଗରିବମାନଙ୍କ ସମସ୍ୟା ଗୁଡ଼ିକୁ ନେଇ ବିଭିନ୍ନ ଥର ଗଣମାଧ୍ୟମରେ ପ୍ରକାଶିତ ହୋଇଛି । ତେବେ ବ୍ଲକ ପ୍ରଶାସନର ତତ୍ପରତା ସହ ଖବର ପ୍ରସାରଣ ହେବା ମାତ୍ରେ ବିଡିଓ ଲୋକଙ୍କ ପାଖକୁ ପହଂଚି ସମସ୍ୟାର ସମାଧାନ କରିବା ସହ ସହାୟତା ପ୍ରଦାନ ମଧ ବଜାୟ ରଖିଛନ୍ତି । ତେବେ ଇଚ୍ଛା ଶକ୍ତି ଓ ସ୍ୱଚ୍ଛତା ଥିଲେ ଆପେ ଆପେ ଲୋକଙ୍କ ପାଖକୁ ପହଂଚିବା ସେମିତି କିଛି ବଡ କଥା ନୁହଁ ବୋଲି ବିଡିଓ ଦେବାଶିଷ ସାମଲ କହିଛନ୍ତି । ଏନେଇ ଗଣମାଧ୍ୟମକୁ ମଧ ଧନ୍ୟବାଦ ଜଣାଇବା ସହ ଖବର ପ୍ରସାରଣ ହେବା ଦ୍ୱାରା ଆମେ ଲୋକଙ୍କ ପାଖରେ ପହଂଚି ପାରୁଛୁ ବୋଲି କହିଛନ୍ତି । ତେବେ ଏଭଳି ଜଣେ ବିଡିଓଙ୍କୁ ପାଇବା ପରେ ସଇଁନ୍ତଲା ବ୍ଲକବାସୀ ଏବେ ବେଶ୍ ଖୁସି ଥିବା ଜଣାପଡ଼ିଛି ।

# କୁନି ଚିତ୍ରଶିଳ୍ପୀ ଶୁଭ୍ରାଂଶୁ ପ୍ରଜ୍ୱଳ ଚିତ୍ର ଆଙ୍କିବାରେ ଓସ୍ତାଦ୍

ପଦ୍ମପୁର, (ନିପ୍ର) : ପଦ୍ମପୁର ଭେଉଁରିଆ ଗ୍ରାମର ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ୯ ବର୍ଷର ଛାତ୍ର ଶୁଭ୍ରାଂଶୁ ପ୍ରଜ୍ୱଳ ସାହୁ ଚିତ୍ର ଆଙ୍କିବାରେ ନିଜର ସିଦ୍ଧହସ୍ତତା ପ୍ରତିପାଦନ କରିବାରେ ଲାଗିଛନ୍ତି । ଶୁଭ୍ରାଂଶୁଙ୍କ ବାପା ପ୍ରଦୀପ କୁମାର ସାହୁ ଏବଂ ମା' ଯାଜ୍ଞସେନୀ ସାହୁ ମଧ୍ୟ ଶୁଭ୍ରାଂଶୁଙ୍କ ଚିତ୍ରକଳା ଦିଗରେ ବିଶେଷ ସ୍ପୃହା ରହିଥିବା କୁହନ୍ତି । କୁନି ଚିତ୍ରଶିଳ୍ପୀ ଶୁଭ୍ରାଂଶୁ ପ୍ରତ୍ୟହ ଅନେକ ଚିତ୍ର ଆଙ୍କିଥିବା ବେଳେ ଏଥିପାଇଁ ତାଙ୍କ ସାଂଗସାଥୀ ଗହଣରେ ତଥା ତାଙ୍କ ବିଦ୍ୟାଳୟରେ ବେଶ୍






ଚର୍ଚ୍ଚାରେ ରହିଛନ୍ତି । ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବା ସହ ସିଦ୍ଧିସଂପନ୍ନ ଜଣେ ପ୍ରସିଦ୍ଧ ଚିତ୍ରଶିଳ୍ପୀ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ଏହି କୁନି ଚିତ୍ରଶିଳ୍ପୀ ଶୁଭ୍ରାଂଶୁ । ସୂଚନାଯୋଗ୍ୟ ଯେ, ଶୁଭ୍ରାଂଶୁ ଏବେ ପଦ୍ମପୁରର ଓ୍ୱିନର୍ ବ୍ରାଇଟ୍ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ଅଜା ଚୋଢ଼ଚନ୍ଦ୍ର ସାହୁ, ଆଈ ଯଶୋଦା ସାହୁ, ବଡ଼ବାପା ଇଂ. ଦିଲୀପ କୁମାର ସାହୁ, ବଡ଼ମା' ଶ୍ରୀମତୀ କମଳା ସାହୁ, ବଡ଼ ଭଉଣୀ ସୋନୁ, ସୋହା, ବଡ଼ ଭାଇ ଅଂଶୁ ତଥା ସମସ୍ତ ପରିବାରବର୍ଗ ଶୁଭ୍ରାଂଶୁଙ୍କ ମଙ୍ଗଳ କାମନା କରିଛନ୍ତି ।

# ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ପ୍ରଥମ ଗଭର୍ଣ୍ଣିଙ୍ଗ୍ ବଡ଼ି ବୈଠକ : ଶୀଘ୍ର ଖୋଲିବ ସୁପର ସ୍ପେସାଲିଷ୍ଟ ବିଭାଗ, କହିଲେ ନରସିଂହ




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍‌ପିଟାଲ୍ ସମ୍ମିଳନୀ କକ୍ଷ ଠାରେ ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ୍‌ର ପ୍ରଥମ ଗର୍ଭର୍ଣ୍ଣିଙ୍ଗ୍ ବଡ଼ି ବୈଠକ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ପ୍ରଫେସର ମଧୁସୂଦନ ପତି, ଡା.ପରମେଶ୍ୱର ରଥ, ଗୌରୀଶଙ୍କର ଅଗ୍ରୱାଲ, ମେଡ଼ିକାଲ କଲେଜ ଡିନ୍ ଓ ଅଧ୍ୟକ୍ଷ ପ୍ରଫେସର ଡା. ସବିତା ମହାପାତ୍ର, ମେଡ଼ିକାଲ କଲେଜ ଅଧିକ୍ଷକ ଡା. ମହେନ୍ଦ୍ର କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ପଟେଲ, ସିଡ଼ିଏମ୍‌ଓ ଡା. ଭୀମ ସାହୁଙ୍କ ସମତେ ଗଭର୍ଣ୍ଣିଙ୍ଗ୍ ବଡ଼ିର ସଦସ୍ୟ ସଦସ୍ୟା, ସଂପୃକ୍ତ କାର୍ଯ୍ୟନିର୍ବାହୀ ବିଭାଗର ବିଭାଗୀୟ ମୁଖ୍ୟ ଓ ମେଡ଼ିକାଲ କଲେଜର ବିଭିନ୍ନ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ । ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍‌ସିପାଲଙ୍କ ସ୍ୱାଗତ ଭାଷଣରୁ ଆରମ୍ଭ ହୋଇଥିବା ଏହି ବୈଠକରେ ମେଡିକାଲ କଲେଜ ତଥା ଡାକ୍ତରଖାନାର ଭିତ୍ତିଭୂମି, ମାନବ ସଂସାଧନ, ରୋଗୀ ସେବା, ଶିକ୍ଷା ଓ ଉପକରଣ ତଥା ଏହାର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ବିଭିନ୍ନ ପ୍ରକାର ପ୍ରସ୍ତାବ ପାରିତ ହୋଇଥିଲା । ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଭୀମ ଭୋଇ ମେଡିକାଲ କଲେଜର ବିଭିନ୍ନ ସମସ୍ୟା ଉପରେ ଗଭୀର ଆଲୋଚନା କରିଥିଲେ । କଲେଜ ଖୋଲିବାର ଦୀର୍ଘ ୩ ବର୍ଷ ବିତି ଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ହୃଦ୍ ରୋଗ, କିଡନି ଜନିତ ରୋଗ, ମୂତ୍ର ରୋଗ ତଥା ସ୍ନାୟୁ ରୋଗ ବିଭାଗ ଖୋଲାଯାଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିବା ସହ ଏହି ୪ଟି ବିଭାଗ ଖୋଲିବା ପାଇଁ ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଇବାକୁ କହିଥିଲେ । ଯେତେ ଶୀଘ୍ର ହେବ ଏହି ବିଭାଗ ଗୁଡିକ ଖୋଲିଲେ ହିଁ ଆମ ଅଂଚଳର ଲୋକେ ମେଡିକାଲ କଲେଜ ଓ ହସ୍‌ପିଟାଲର ପ୍ରକୃତ ଉପାଦେୟତା ପାଇ ପାରିବେ ବୋଲି ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ । କଲେଜର ଶ୍ରେଣୀ କକ୍ଷ ଗୁଡିକରେ ଏସି ନ ଥିବାରୁ ତାର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ପାରିତ ହୋଇଥିଲା । ତା ସହିତ ମେଡିକାଲ କଲେଜ ଭିତରେ ଏକ ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ଅଭରହେଡ୍ ଟେଙ୍କ ନିର୍ମାଣ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ପ୍ରସ୍ତାବ ପଠାଇବାକୁ ପ୍ରସ୍ତାବ ପାରିତ ହୋଇଥିଲା । କଲେଜ ପରିସରରେ ୩୦ କୋଠରୀ ବିଶିଷ୍ଟ ଏକ ଅତିଥିଶାଳା ନିର୍ମାଣ ଯାହାରକି ବ୍ୟୟ ଅଟକଳ ୫ରୁ ୬କୋଟି ଟଙ୍କା ହେବ ତାହା ପାଇଁ ମଧ ଚିଠି ଲେଖିବାକୁ ଶ୍ରୀ ମିଶ୍ର ପ୍ରସ୍ତାବ ଦେଇଥିଲେ । ଡାକ୍ତରୀ ଛାତ୍ର ଛାତ୍ରୀମାନଙ୍କ ସୁରକ୍ଷା ତଥା କେମ୍ପସ ମଧରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ଆଉଟ୍ ପୋଷ୍ଟ ନିର୍ମାଣ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା । ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଅଚଳ ଥିବା ତିନୋଟି ଲିଫ୍ଟ ଶୀଘ୍ର ମରାମତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ବର୍ତ୍ତମାନ ଡାକ୍ତରଖାନାରେ ରୋଗୀ ସଂଖ୍ୟା ଦୃଷ୍ଟିର ବେଡର ଅଭାବ ଥିବାରୁ ତୁରନ୍ତ ଅତିରିକ୍ତ ୬୦ଟି ବ୍ୟାଡ୍ ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ହେବା ସହ ପରେ ପରେ ଡାକ୍ତରଖାନରେ ଆଉ ୨୦୦ଟି ରୋଗୀ ଶଯ୍ୟା ପ୍ରସ୍ତୁତ କରିବାକୁ ଆବଶ୍ୟକ ହେଉଥିବା ଜମି ଚିହ୍ନଟ ଶୀଘ୍ର କରାଯିବ ବୋଲି ଶ୍ରୀ ମିଶ୍ର କହିଥିଲେ । ଏହା ସହ ମେଡିକାଲ କଲେଜ ପରିସରରେ ୫୦ କୋଟି ଟଙ୍କାର ଏକ ସ୍ପୋର୍ଟ୍ସ କମ୍ପ୍ଲେସର ନିର୍ମାଣ ପାଇଁ ପ୍ରସ୍ତାବ ସରକାରଙ୍କ ପାଖକୁ ପଠାଇବାକୁ ନିଷ୍ପତ୍ତି ହୋଇଛି । ଏଥିରେ ଘାସ ପଡିଆ, ବ୍ୟାୟାମଶାଳା, ଇନଡୋର ଖେଳ ସୁବିଧା ସହିତ ଏକ କ୍ୟାଣ୍ଟିନ ମଧ୍ୟ ରହିବ । ଏହି ଅବସରରେ ଭୀମ ଭୋଇ ମେଡିକାଲ କଲେଜ ପରିସରକୁ ସମ୍ପୁର୍ଣ୍ଣ ୱାଇ ଫାଇ ଯୁକ୍ତ କରିବା ପାଇଁ ବିଧାୟକ ଶ୍ରୀ ମିଶ୍ର ନିଜ ବିଧାୟକ ପାଣ୍ଠିରୁ ଆବଶ୍ୟକୀୟ ଅନୁଦାନ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ବୈଠକ ଶେଷରେ ମେଡ଼ିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷା ପ୍ରଫେସର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍‌ପିଟାଲ୍ ସମ୍ମିଳନୀ କକ୍ଷ ଠାରେ ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ୍‌ର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ଜିଲ୍ଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଦାଗଡୁ, ମେଡ଼ିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷା ପ୍ରଫେସର ଡା. ସବିତା ମହାପାତ୍ର, ମେନିକାଲ କଲେଜ ଅଧିକ୍ଷକ ଡା. ମହେନ୍ଦ୍ର କୁମାର ନାୟକଙ୍କ ସମେତ ସ୍ୱାସ୍ଥ୍ୟ ବିକାଶ ସମିତିର ସଦସ୍ୟ ସଦସ୍ୟା ଓ ସଂପୃକ୍ତ କାର୍ଯ୍ୟନିର୍ବାହୀ ବିଭାଗର ବିଭାଗୀୟ ମୁଖ୍ୟ, ସିଡ଼ିଏମ୍‌ଓ ଡା. ଭୀମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ମେଡ଼ିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷା ପ୍ରଫେସର ଡା. ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ୍ ପରିଚାଳନା ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମେଡ଼ିକାଲ କଲେଜର ଅଧିକ୍ଷକ ଡା.ନାୟକ ପାୱାର ପଏଣ୍ଟ ମାଧ୍ୟମରେ ସ୍ୱାସ୍ଥ୍ୟ ବିକାଶ ସମିତିର ବିଭିନ୍ନ ଆଲୋଚ୍ୟ ବିଷୟବସ୍ତୁ ସଂପର୍କରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ । ବୈଠକରେ ଗତ ୨୬/୦୨/୨୦୧୯ରେ ଅନୁଷ୍ଠିତ ହୋଇଥିବା ପ୍ରଥମ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରସ୍ତାବ ଓ ଏହାର କାର୍ଯ୍ୟକାରିତା ସଂପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା । ମେଡ଼ିକାଲ କଲେଜ ହସ୍‌ପିଟାଲ୍‌ରେ ସିସି ଟିଭି ଲଗାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଅଗ୍ନି ନିରାପତ୍ତା ପରିଚାଳନା ସଂପର୍କରେ ଯଥାଶୀଘ୍ର ପଦକ୍ଷେପ ନେବା, ବିଦ୍ୟୁତ ଓ ଜଳଯୋଗାଣ ସମସ୍ୟାର ଶୀଘ୍ର ସମାଧାନ ଉପରେ ବୈଠକରେ ଆଲୋଚନା ହୋଇଥିଲା ।

ମେଡ଼ିକାଲ କଲେଜ ଅଧିକ୍ଷକ କାୟାକଳ୍ପ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହ ମେଡ଼ିକାଲ କଲେଜରେ ପ୍ରତିଷ୍ଠା ହୋଇଥିବା କୋଭିଡ଼ ପରୀକ୍ଷାଗାର ଓ କୋଭିଡ଼-୧୯ ଆର୍‌ଟିପିସିଆର୍ ପରୀକ୍ଷା ସଂପର୍କରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ । ମେଡ଼ିକାଲ କଲେଜର ମାନବ ସଂସାଧନ ସଂପର୍କରେ ସେ ପାରାମେଡ଼ିକାଲ କର୍ମଚାରୀ ଓ ଅନ୍ୟାନ୍ୟ ପ୍ରଶାସନିକ କର୍ମଚାରୀଙ୍କ ସ୍ଥିତି ଓ ଖାଲିଥିବା ପଦବୀ ସଂପର୍କରେ ବୈଠକରେ ସୂଚନା ପ୍ରଦାନ କରିଥିଲେ । ବୈଠକରେ ରୋଗୀଙ୍କ ସଂପର୍କୀୟଙ୍କ ନିମନ୍ତେ ଆଶ୍ରୟସ୍ଥଳୀ ନିର୍ମାଣ, ନୂତନଭାବେ ନିର୍ମାଣ ହୋଇଥିବା ସର୍ଜରୀ ଅପରେସନ ଥିଏଟର ନିମନ୍ତେ ଲିଫ୍ଟର ବ୍ୟବସ୍ଥା କରିବା, ପୁରୁଣା ବିପଦପୂର୍ଣ୍ଣ କୋଠାକୁ ଭାଙ୍ଗିବା, କୋଭିଡ଼ ଏଚ୍‌ଡ଼ିୟୁ/ଆଇସିୟୁକୁ ପରିଚାଳନା, ମେଡ଼ିକାଲ କଲେଜ ହସ୍‌ପିଟାଲ୍‌ରେ ବର୍ଣ୍ଣ ୟୁନିଟ୍ ପ୍ରତିଷ୍ଠା, ବାୟୋମେଡ଼ିକାଲ ବର୍ଯ୍ୟବସ୍ତୁ ନିମନ୍ତେ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ଉପରେ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା । ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ୍‌ରେ ରୋଗୀଙ୍କୁ ସୁବିଧା ନିମନ୍ତେ ଆଉ ୪ ଗୋଟି ଆମ୍ବୁଲାନ୍ସର ଆବଶ୍ୟକତା ରହିଛି, ତେଣୁ ଏ ବିଷୟରେ ଆଲୋଚନା କରାଯାଇ ୪ ଗୋଟି ଆମ୍ବୁଲାନ୍ସ ଯୋଗାଇଦେବା ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ପଠାଇବା ସକାଶେ ବୈଠକରେ ନିଷ୍ପତ୍ତି ହୋଇଥିଲା । ବୈଠକରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା, ରୋଗୀ କଲ୍ୟାଣ ସମିତିର ଆର୍ଥିକ ସ୍ଥିତି ତଥା କେବିନ୍, ଷ୍ଟଲ୍, ଆମ୍ବୁଲାନ୍ସ ଇତ୍ୟାଦିରୁ ଆଦାୟ ହେଉଥିବା ରାଜସ୍ୱ ସଂପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏତଦ୍‌ବ୍ୟତୀତ ବୈଠକରେ ରୋଗୀ କଲ୍ୟାଣ ସମିତି ଅନ୍‌ଟାଏଡ୍ ଫଣ୍ଡରୁ ୨୦୨୦-୨୧ ବର୍ଷରେ କାର୍ଯ୍ୟକାରୀ ହେବାକୁ ଥିବା କେତେକ ନୂତନ କାର୍ଯ୍ୟ ସଂପର୍କରେ ଆଲୋଚନା ହୋଇଥିଲା ।

ବୈଠକ ଶେଷରେ ମେଡ଼ିକାଲ କଲେଜର ଅଧିକ୍ଷକ ଡା. ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଟିଂରେ ମେଡେଲ ଜିତିଥିବା ୩ ସୁଟର୍ ସମ୍ବର୍ଦ୍ଧିତ

ବଲାଙ୍ଗିର, (ନିପ୍ର) : ସୁଟିଂ ହେଉଛି ଏକ ବ୍ୟୟବହୁଳ ଖେଳ । ବଲାଙ୍ଗିରରେ ସୁଟିଂ ଖେଳ ପାଇଁ ସେମିତି ଆନୁସାଙ୍ଗିକ ଭିତ୍ତିଭୂମି ନାହିଁ । ତଥାପି ମଧ ନିଜସ୍ୱ ପ୍ରଚେଷ୍ଟା ଓ ଉଦ୍ୟମ ବଳରେ ବଲାଙ୍ଗିରର ୩ ଜଣ ସୁଟର୍ ରାଜ୍ୟସ୍ତରୀୟ ସୁଟିଂ ପ୍ରତିଯୋଗିତାରେ ମେଡେଲ ଜିତିବାରେ ସକ୍ଷମ ହୋଇଛନ୍ତି । ସେମାନେ ହେଲେ ବୀଣା ଥପା, କୁନୁ ସେନ ଓ ଅମିତ ନନ୍ଦ । ୧୦ ମିଟର ଏଆର ରାଇଫଲ ସୁଟିଂରେ ବୀଣା ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ କୁନୁ ଓ ଅମିତ ରଜତ ପଦକ ଜିତିଛନ୍ତି । ଏହି ୩ ଜଣଙ୍କୁ ଆଜି ବଲାଙ୍ଗିର ଆର.ଏନ.ସିଂଦେଓ ସୁଟିଂ କ୍ଲବ ତରଫରୁ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ଜାତୀୟ ସୁଟିଂ ଆସୋସିଏସନର ଉପ ସଭାପତି କଳିକେଶ ନାରାୟଣ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଦକ ଜିତିଥିବା ଖେଳାଳୀମାନଙ୍କ ଭୂୟସୀ ପ୍ରଶଂସା କରିବା ସଙ୍ଗେ କହିଥିଲେ ଯେ, ଏହି ଖେଳାଳୀମାନଙ୍କୁ ସମ୍ପୁର୍ଣ୍ଣ ସହଯୋଗ କରାଯିବ । ସେମାନେ କିଭଳି ଉନ୍ନତ ମାନର ପ୍ରଶିକ୍ଷଣ ପାଇବେ ତା'ର ବ୍ୟବସ୍ଥା କରାଯିବ । ଜାତୀୟ ସ୍ତରରେ କୋଚ୍‌ଙ୍କୁ ନେଇ ବଲାଙ୍ଗିରରେ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯିବ । ଏହା ସହିତ ବଲାଙ୍ଗିରରେ ପଶ୍ଚିମ ଓଡିଶା ସ୍ତରୀୟ ସୁଟିଂ ପ୍ରତିଯୋଗିତା କରାଯିବ ବୋଲି କହିଥିଲେ । ଏହି ଅବସରରେ ଖେଳାଳୀମାନେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ । ଏକମାତ୍ର ବନ୍ଧୁକରେ ୩ ଜଣ ଅଭ୍ୟାସ କରିବା ସହିତ ପ୍ରତିଯୋଗିତାରେ ଭାଗ ନେଇଥିଲେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ବୁଦ୍ଧଦେବ ମେହେର ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୟଦ ସାହିଦ ହୁସେନ । ଅନ୍ୟମାନଙ୍କ ମଧରେ ମଂଚାସୀନ ଥିଲେ କ୍ଲବ ଉପ ସଭାପତି ସୟିଦ ଆଫତାବ ହୁସେନ ଓ କୋଚ୍ ମଧୁସୂଦନ ପୋଢ ।

# ୧୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ : ମେଡିକାଲ କର୍ମଚାରୀ ସଂଘ

ବ୍ରହ୍ମପୁର, (ନିପ୍ର) : ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ବ୍ରହ୍ମପୁର ଶାଖାର ଚଳିତ ବର୍ଷ ପ୍ରଥମ କାର୍ଯ୍ୟକାରୀ କମିଟି ବୈଠକ ସଂଗଠନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କର୍ମଚାରୀମାନଙ୍କ ୧୧ ଦଫା ଦାବୀ ଉପରେ ଆଲୋଚନା କରାଯାଇଥିଲା । ଆଉଟସୋର୍ସିଂରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ସଂଶୋଧିତ ପାରିଶ୍ରମିକ ୧୧ ମାସର ବକେୟା ପ୍ରଦାନ କରିବା, ନୂତନ ଭାବେ ଦାୟିତ୍ୱ ନେଇଥିବା ଠିକାଦାର ପୂର୍ବରୁ କାର୍ଯ୍ୟରତ ସମସ୍ତ ଆଉଟସୋର୍ସିଂ କମଚାରୀ ଓ କୋଭିଡ ପରିଚାଳନାରେ ସହଯୋଗ କରୁଥିବା କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ଦାବୀ କରାଯାଇଥିଲା । ସ୍ଥାୟୀ କର୍ମଚାରୀମାନଙ୍କୁ ପଦୋନ୍ନତି ଦେବା ଓ ନୂତନ ସରକାରୀ ବାସଗୃହ ନିର୍ମାଣ କରିବା, ନର୍ସିଂ କର୍ମଚାରୀମାନଙ୍କ ଭଳି ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା ଦେବା ସହିତ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ, ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରିବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଉ, ୨୦୦୧ ମସିହାରେ ଛଟେଇ ହୋଇଥିବା କମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା, ନିୟମିତ ଭାବେ ଇପିଏଫ ଓ ଇଏସଆଇ କାଟି ଦାଖଲ କରିବାକୁ ପଦକ୍ଷେପ ଗ୍ରହଣ କରିବା ଇତ୍ୟାଦି ଦାବୀ ନେଇ ଆଲୋଚନା ହୋଇଥିଲା । ଅନ୍ୟତମ ଉପସଭାପତି ସୁକାନ୍ତ ମୁଖୀ, ଉପଦେଷ୍ଟା ଲାଲୁ ମୋହନ ବେହେରା, ଜିଲ୍ଲା ମେଡିକାଲ କର୍ମଚାରୀ ସଂଘର ସମ୍ପାଦକ ଜି.ନରସିଂହ ରାଓ, ମେଡିକାଲ କଲେଜ ଶାଖାର ସମ୍ପାଦକ ରାଜୁ ଚିନ୍ନା, ରବି ନାରାୟଣ ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ସନାତନ ନାୟକ, ଅ ।ନନ୍ଦ ମିଶ୍ର, ଗୌରହରି ମହାପାତ୍ର, ପୁଷ୍ପା ରେଡ୍ଡୀ, ଏମ. ଉଷାରାଣୀ, ସବିତା ବେହେରା, କେଶବ ନାୟକ ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇଥିଲେ ।

# ସମସ୍ତ ଅଧିକାରୀଙ୍କୁ ଧରି ନରସିଂହଙ୍କ ରାଣୀପାଲି ଗସ୍ତ : ସ୍ପଟ୍‌ରେ ହେଲା ହିତାଧିକାରୀ ଚୟନ, ଘଣ୍ଟାଏ ଭିତରେ ଭତ୍ତା କାର୍ଡ ସହ ଭତ୍ତାରାଶି ପ୍ରଦାନ କଲେ ନରସିଂହ



ବଲାଙ୍ଗିର, (ନିପ୍ର) : ଗାଁ ମାନଙ୍କରେ ଜଣେ ବି ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନା ଫାଇଦାରୁ ବଂଚିତ ନ ହେବା କଥା । ବାର୍ଦ୍ଧକ୍ୟ ଭତ୍ତା, ଗରିବଙ୍କ ପାଇଁ ବାସଗୃହ, ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ ହେଉ କି ବିଧବା ଏବଂ ବିକଳାଙ୍ଗ ଭତ୍ତା, କୌଣସି ଜଣେ ବି ଯୋଗ୍ୟ ହିତାଧିକାରୀ ଏ ସୁବିଧାରୁ ଯେମିତି ବଂଚିତ ନ ରହିବେ ସେ ଉପରେ ସେ ପ୍ରତ୍ୟେକ ଗସ୍ତରେ ଲୋକଙ୍କ ପାଇଁ କାମ କରିବେ ବୋଲି ଗତକାଲି ବଲାଙ୍ଗିର ବ୍ଲକ ସ୍ଥିତ ରାଣୀପାଲି ଗ୍ରାମ ଗସ୍ତରେ ଯାଇ ଶ୍ରୀ ମିଶ୍ର ଉପସ୍ଥିତ ଥିବା ଗ୍ରାମବାସୀ ତଥା ସମସ୍ତ ପଂଚାୟତ ସ୍ତରୀୟ ଅଧିକାରୀମାନଙ୍କୁ ରୋକ୍‌ଠୋକ୍ କହିଛନ୍ତି । ଏହି ଗସ୍ତରେ ସେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ ମହାପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବଘନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସୁଦେବ ମହାପାତ୍ର, ଇଂ. ମୃତ୍ୟୁଞ୍ଜୟ ରାଉତ, ରଶ୍ମିତା ମହାନ୍ତି ତଥା ଅନ୍ୟାନ୍ୟ ପଂଚାୟତ ସ୍ତରୀୟ ସରକାରୀ କର୍ମଚାରୀମାନଙ୍କୁ ସାଙ୍ଗରେ ନେଇ ଗାଁର ପ୍ରତ୍ୟେକ ଲୋକଙ୍କ ଅଭାବ ଅସୁବିଧା ବୁଝିଥିଲେ । ଗାଁର ପାନୀୟ ଜଳ, ବିଜୁଳି ସମସ୍ୟା, କମ୍ୟୁନିଟି ସେଣ୍ଟର, ରାସ୍ତା ସମସ୍ୟା ଗୁଡିକ ଲୋକଙ୍କ ଠାରୁ ଶୁଣି ସେ ତୁରନ୍ତ ଉପସ୍ଥିତ ଥିବା ବିଡିଓ ତଥା କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ସେ ଦିଗରେ କାମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ଜାଗାରେ ଆବାସଗୃହ କିମ୍ବା କମ୍ୟୁନିଟି ସେଣ୍ଟର ଗୁଡିକରେ ହିତାଧିକାରୀମାନେ ପଇସା ପାଇ ନାହାନ୍ତି, ସେ ସବୁ ତତ୍‌କ୍ଷଣାତ ସବିଶେଷ ତଦନ୍ତ କରି ସେ ସମସ୍ୟାର ସମାଧାନ କରାଇଥିଲେ । ଉପସ୍ଥିତ ଥିବା ପଂଚାୟତ ନିର୍ବାହୀ ଅଧିକାରୀ ଗାଁର ବାକି ରହିଯାଇଥିବା ଗରିବ ଲୋକମାନେ ଯେଉଁମାନଙ୍କର ବାସଗୃହ ନାହିଁ ସେମାନଙ୍କୁ ଯୋଜନା ଅନ୍ତର୍ଗତ ବାସଗୃହ ଦେବା ପାଇଁ ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ ।

ଆହୁରି ମଧ୍ୟ ଖାଦ୍ୟ ସୁରକ୍ଷାରେ ଯେଉଁମାନେ ବଂଚିତ ଅଛନ୍ତି ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ସବୁଠାରୁ ମୁଖ୍ୟ ଘଟଣା ଥିଲା ଶ୍ରୀ ମିଶ୍ରଙ୍କ ନିର୍ଦ୍ଦେଶରେ ଉପସ୍ଥିତ ଥିବା ସାମାଜିକ ସୁରକ୍ଷା ଅଧିକାରୀ ତୁରନ୍ତ ତାଙ୍କ ବିଭାଗର ଯୋଜନା ମୁତାବକ ବିଧବା, ଶାରୀରିକ ବିକଳାଙ୍ଗ, ବାର୍ଦ୍ଧକ୍ୟ ତଥା ବିଧବା ଭତ୍ତାର ସବିଶେଷ ଅନୁସନ୍ଧାନ କରି ୫ଜଣ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା କାର୍ଡ ପ୍ରଦାନ କରି ପ୍ରଥମ ମାସର ଭତ୍ତା ରାଶି ମଧ୍ୟ ପ୍ରଦାନ କରିଥିଲେ । ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ରୁକ୍ମଣୀ ମହାକୁର, ଶ୍ରୀୟା ନନ୍ଦ, ସୁମିତ୍ରା ମେର୍ଲି, ବସୁମତି ନନ୍ଦ ଏବଂ ଚହଳା ବାଗଙ୍କୁ ବିଧାୟକ ଶ୍ରୀ ମିଶ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ସାମାଜିକ ଅଧିକାରୀଙ୍କ ଉପସ୍ଥିତିରେ କାର୍ଡ ଓ ଭତ୍ତା ରାଶି ପ୍ରଦାନ କରିଥିଲେ । ଏହି ଗସ୍ତ ସମୟରେ ରାଣୀପାଲି ଗାଁର ପ୍ରତ୍ୟେକ ଲୋକଙ୍କ ଛୋଟରୁ ବଡ ସମସ୍ୟା ଶୁଣି ସାରିଲା ପରେ ତାର ସମାଧାନର ରାସ୍ତା ନିଶ୍ଚୟ ବାହାର କରାଯିବ ବୋଲି ଶ୍ରୀ ମିଶ୍ର ପ୍ରତିଶୃତି ଦେଇଥିଲେ ।

ଏହି ଗସ୍ତ ସମୟରେ ସରକାରୀ ଅଧିକାରୀଙ୍କ ବ୍ୟତୀତ ଶ୍ରୀ ମିଶ୍ରଙ୍କ ସହିତ ବ୍ଲକ ଉପାଧ୍ୟକ୍ଷା ଯଶୋବନ୍ତୀ ବଘାର, ରାମ ମିଶ୍ର, ବିପିନ ପୁଟେଲ, ଲମ୍ବୋଧର ମହାକୁର, ଧନଞ୍ଜୟ ସିଂ ପ୍ରମୁଖ ମଂଚାସୀନ ଥିଲେ ।

## ଓଡ଼ିଶା ଅମଲା ସଂଘର ତ୍ରୟବାର୍ଷିକ ସମ୍ମିଳନୀ ଅନୁଷ୍ଠିତ : ନୂତନ କର୍ମକର୍ତ୍ତା ମନୋନୀତ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଅମଲା ଭବନ, ବଲାଙ୍ଗିର ଠାରେ ଓଡ଼ିଶା ଅମଲା ସଂଘ ଜିଲ୍ଲା ଶାଖା ବଲାଙ୍ଗିରର ସଭାପତି ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଜିଲ୍ଲା ଅମଲା ସଂଘର ତ୍ରୟୋବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ରାଜ୍ୟ ଅମଲା ସଂଘର କାର୍ଯ୍ୟକାରିଣୀ ସଭାପତି ଚିତ୍ତରଂଜନ ତରାସିଆ, ଅମଲା ସଂଘ ରାଜ୍ୟ ଅଧ୍ୟକ୍ଷ (ଜିଲ୍ଲା କମିଟି) ଦିଲ୍ଲୀପ ରଥ, ରାଜ୍ୟ ଅଣ ଗେଜେଟେଡ୍ ଅଫିସର କୋଅଡ଼ିନେସନ କମିଟି ସଭାପତି ଜ୍ୟୋତିରଂଜନ ପଟ୍ଟନାୟକ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂଘର ସଭାପତି ଶ୍ରୀ ପାଣିଗ୍ରାହୀ ଅମଲା ସଂଘ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟର ବିଷଦ୍ ଆଲୋଚନା କରିଥିଲେ ଏବଂ ଆଗାମୀ ଦିନରେ ଯୁବ ପିଢ଼ିକୁ ଏହି ସଂଘର କାର୍ଯ୍ୟକ୍ରମକୁ ଆଗେ ନେବାକୁ ଆହ୍ୱାନ ଦେଇଥିଲେ । ବିଗତ ଦିନରେ ସଂଘର ବିଭିନ୍ନ କାର୍ଯ୍ୟ ଯଥା ପ୍ରବେଶ ସ୍ତରରେ ଅମଲା ମାନଙ୍କର ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍‌ରୁ ସ୍ନାତକକୁ ବୃଦ୍ଧି ଏବଂ ଜିଲ୍ଲା ପଦବୀଗୁଡ଼ିକର ପୁନର୍ଗଠନର ସଫଳତା ପାଇଁ ସମସ୍ତ ସଭ୍ୟଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ । ଆଉ ବାକି ରହିଯାଇଥିବା ଦାବୀଗୁଡ଼ିକ ସରକାରଙ୍କ ଦୃଷ୍ଟି ଗୋଚରକୁ ଆଣି ତାର ପୂରଣ ନିମନ୍ତେ ଯତ୍ନବାନ ହେବା ପାଇଁ ଯୁବବର୍ଗ ଓ ଆଜି ମନୋନୀତ ହେବା କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ । ଶେଷରେ ସର୍ବସମ୍ମତି କ୍ରମେ ଓଡ଼ିଶା ଅମଲା ସଂଘ ଜିଲ୍ଲା ଶାଖାର ନୂତନ ପରିଷଦ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା । ତେବେ ସର୍ବସମ୍ମତି କ୍ରମେ ଶତୃଘ୍ନ ପାଣିଗ୍ରାହୀ ମୁଖ୍ୟ ପୃଷ୍ଠପୋଷକ, ହରିବନ୍ଧୁ ପାଣି ମୁଖ୍ୟ ଉପଦେଷ୍ଟା, ଘନଶ୍ୟାମ ଡାଙ୍ଗ ଓ ଚୈତନ୍ୟ ନାଏକ ଉପଦେଷ୍ଟା, ବିରେନ୍ଦ୍ର ବନଛୋର୍ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ ।

ସଂଘର ସମସ୍ତ ସଦସ୍ୟଙ୍କର ବିପୁଳ ସହମତିରେ ଅନନ୍ତ ନାରାୟଣ ପାଣିଗ୍ରାହୀ ଜିଲ୍ଲା ଅମଲା ସଂଘର ସଭାପତି ଓ ଚନ୍ଦନ କୁମାର ଶତପଥୀ ସଂପାଦକ ଭାବେ ମନୋନୀତ ହୋଇଥିଲେ । ଏହି କ୍ରମରେ ପଦୀପ କୁମାର ଭୋଇ କାର୍ଯ୍ୟକାରିଣୀ ସଭାପତି ଭାବେ ମନୋନୀତ ହୋଇଥିଲେ । ଅନ୍ୟ ବରିଷ୍ଠ ସଦସ୍ୟ ଏବଂ ନବ ମନୋନୀତ ସଦସ୍ୟଙ୍କ ସହାୟତାରେ ଓଡ଼ିଶା ଅମଲା ସଂଘ ଜିଲ୍ଲା ଶାଖାର ବିଭିନ୍ନ ପଦବୀକୁ ସଭ୍ୟମାନଙ୍କୁ ମନୋନୀତ କରାଯାଇଥିଲା । ଶେଷରେ ବିଦାୟୀ ସଭାପତି ଶତୃଘ୍ନ ପାଣିଗ୍ରାହୀ ଆଗାମୀ ଦିନରେ ସଂଘର କାର୍ଯ୍ୟକ୍ରମକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ତରଫରୁ ପରୀ ସ୍ମୃତିରେ ଏକ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର, (ନିପ୍ର) : ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ତରଫରୁ ବିଧାନସଭା ସ୍ତରୀୟ ଏକ କାର୍ଯ୍ୟକ୍ରମ ସ୍ଥାନୀୟ ପାଟଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ନୟାଗଡ଼ରେ ହୋଇଥିବା ପରୀ କାଣ୍ଡକୁ ବିରୋଧ କରି ଏବଂ ପରୀର ସ୍ମୃତିରେ ଏକ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମହିଳା ମୋର୍ଚ୍ଚା ତରଫରୁ ଏହି ମାମଲାର ତଦନ୍ତ ତୁରନ୍ତ ସିବିଆଇକୁ ଦେବା ଓ ଏହି କାଣ୍ଡରେ ସଂପୃକ୍ତ କୃଷି ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା କିମ୍ବା ତାଙ୍କୁ ମନ୍ତ୍ରୀମଣ୍ଡଳରୁ ତୁରନ୍ତ ବହିଷ୍କାର କରିବା ପାଇଁ ଦୃଢ଼ ଦାବୀ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, ସାଂସଦ ସଂଗୀତା କୁମାରୀ ସିଂଦେଓ, ଅନନ୍ତ କୁମାର ଦାଶ, ଆରତି ଗୁରୁ, ପଙ୍କଜିନୀ ପଣ୍ଡା, ରଶ୍ମି ଦାନୀ, ରଶ୍ମି ଆଚାର୍ଯ୍ୟ, ବନଶ୍ରୀ ଆଚାର୍ଯ୍ୟ, ବାସନ୍ତୀ ଜେନା, ସରିତା ଯୋଷୀ, ଅନୁସୟା ବେଜ୍, ପିରୋଜା ବିବି, କଲ୍ୟାଣୀ ଆଡ଼ବାଙ୍କ, ବିନା ସାହୁ, ପ୍ରମିଳା ମୁଗ୍ରୀ, ସୌଦାମିନୀ ମିଶ୍ର, ସଂଜୁ ମିଶ୍ର, ପୀତାମ୍ବର ଖମାରୀ, ଚିତ୍ତ ମିଶ୍ର, ସୁନୀଲ ମିଶ୍ର, ସୁନୀଲ ସେଠ୍, ଉଗ୍ରେସନ ପାତ୍ର, ଗଣେଷ ବାଗ, ବାସୁ ସିଂ, ଗୁଣନିଧି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବ ସାମ୍ବାଦିକ ନିମାଇଁ ଚରଣ ବଘାରଙ୍କ ଅକାଳ ବିୟୋଗ

ମୁରିବାହାଲ, (ନିପ୍ର) : ଚାଲିଗଲେ ଯୁବ ସାମ୍ବାଦିକ ନିମାଇଁ ଚରଣ ବଘାର(୪୭) । ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିବା ବେଳେ ତାଙ୍କୁ ମୁରିବାହାଲ ସିଏଚ୍‌ସିକୁ ନିଆଯାଇଥିଲା । ସେଠାରେ ତାଙ୍କ ଦେହାନ୍ତ ହୋଇଥିବା ଜଣାପଡ଼ିଛି । ଯୁବ ସାମ୍ବାଦିକ ସ୍ୱର୍ଗତ ବଘାର ସାମ୍ବାଦିକତା କରି ବେଶ୍ ସୁନାମ ଅର୍ଜନ କରିଥିଲେ । ଦୈନିକ ଖବର କାଗଜ ପ୍ରଗତିବାଦୀର ସେ ମୁରିବାହାଲ ବ୍ଲକ ପ୍ରତିନିଧି ଭାବେ କାର୍ଯ୍ୟରତ ଥିଲେ । ଗରିବ, ଖଟିଖିଆ, ଦଳିତ, ପୀଡ଼ିତଙ୍କ ସ୍ୱର ଉତ୍ତୋଳନର ମାଧ୍ୟମ ସାଜିଥିଲା ତାଙ୍କ ସାମ୍ବାଦିକତା । ମୁରିବାହାଲ ଅଂଚଳର ଅନେକ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ ସେ । ତାଙ୍କ ଅକାଳ ବିୟୋଗରେ ସାରା ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

## ପାଟଣାଗଡ ବିଧାୟକଙ୍କ ନୂତନ ଗୃହର ନିର୍ମାଣ ସମୟରେ ରାଜମିସ୍ତ୍ରୀଙ୍କ ମୃତ୍ୟୁ ଘଟଣା : ବିଧାୟକଙ୍କ ଗିରଫ ଦାବୀ କଲା ଆଦିବାସୀ ସଂଘ

ବଲାଙ୍ଗିର, (ନିପ୍ର) : ପାଟଣାଗଡ଼ ବିଧାୟକଙ୍କ ନୂତନ ଗୃହ ନିର୍ମାଣ ସମୟରେ ରାଜମିସ୍ତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ବିଧାୟକଙ୍କ ଗିରଫ୍ ଦାବୀ କରିଛି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ । ସଂଘ ପକ୍ଷରୁ କୁହାଯାଇଛି ଯେ, ପାଟଣାଗଡ ବିଧାୟକ ସରୋଜ କୁମାର ମେହେରଙ୍କ ଦୁଇ ମହଲା ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ରାଜମିସ୍ତ୍ରୀ ଡିଙ୍ଗର ବରିହାଙ୍କ ମୃତ୍ୟୁ ହୋଇଛି । ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ଗ୍ରାମର ସମାରୁ ବରିହାଙ୍କ ପୁଅ ଡିଙ୍ଗର ବରିହା (୪୬) ଜାତି ବିଂଝାଲ ଆଦିବାସୀ । ମୃତ ରାଜମିସ୍ତ୍ରୀ ଡିଙ୍ଗର ବରିହା ଗତକାଲି ତା୦୭.୦୧.୨୦୨୧ରେ ବିଧାୟକ ମେହେରଙ୍କ ନବନିର୍ମିତ ଦୁଇ ମହଲା କୋଠାର ଛାତ କାମ କରୁଥିଲେ । ଉକ୍ତ ନବ ନିର୍ମାଣ ଗୃହ ପାଖକୁ ଲାଗି ୧୧ କେଭି ବିଦ୍ୟୁତ ତାର ଯାଇଛି । ଉକ୍ତ ୧୧ କେଭି ଲାଇଭ ଲାଇନ ସଂସ୍ପର୍ଶରେ ଆସି ରାଜମିସ୍ତ୍ରୀ ତଳେ ପଡିଯାଇ ମୃତ୍ୟୁବରଣ କରିଥିଲେ । ରାଜମିସ୍ତ୍ରୀ ବରିହାଙ୍କ ମୃତ୍ୟୁ ପାଇଁ ବିଧାୟକ ସରୋଜ ମେହେର ଦାୟୀ । କାରଣ ୧୧ କେଭି ବିଦ୍ୟୁତ ତାର, ପୋଲ ଥିବା ସ୍ଥାନରେ ଗୃହ ନିର୍ମାଣ ପାଇଁ ବିଦ୍ୟୁତ ବିଭାଗ ଠାରୁ ଆଗୁଆ ଅନୁମତି ନେବାକୁ ପଡେ । ଯଦି ଅନୁମତି ନେଲେ ନାହିଁ ତେବେ ୧୧ କେଭି ଲାଇନ ସଟଡାଉନ ନେଇ ଘର କାମରେ ମିସ୍ତ୍ରୀ ମାନଙ୍କୁ ଲଗାଇବା ଉଚିତ । ବିଧାୟକ ଶ୍ରୀ ମେହେର ତାଙ୍କ ଘର ନିକଟରେ ଯାଇଥିବା ୧୧ କେଭି ଲାଇନକୁ ଅନ୍ୟତ୍ର ସ୍ଥାନାନ୍ତର ବା ସିପ୍‌ଟିଙ୍ଗ କରିବା ଉଚିତ ଥିଲା । ୧୧ କେଭି ବିଦ୍ୟୁତ ତାରକୁ ସିପ୍‌ଟିଙ୍ଗ ନକରି, ଲାଇନ ନ କାଟି ବିଦ୍ୟୁତ ବିଭାଗର କର୍ତ୍ତୃପକ୍ଷଙ୍କୁ ନ ଜଣାଇ ଗୃହ ନିର୍ମାଣ କରିବା ସମ୍ପୂର୍ଣ୍ଣ ବେଆଇନ । ବିଧି ନ ଜାଣି ବିଧାୟକ ହୋଇଛନ୍ତି, ଯଦି ବିଧି ବିଧାନ, ନୀତି ନିୟମ ଜାଣିଥିଲେ ତେବେ ଉଲ୍ଲଂଘନ କଲେ କାହିଁକି ? ବିଧାୟକ ଲୋକଙ୍କ ଧନ ଜୀବନ ସୁରକ୍ଷା ପାଇଁ କାର୍ଯ୍ୟ କରିବା ଉଚିତ, ନିଜ ହାତକୁ ଆଇନ କାନୁନ ନେବା ଅନୁଚିତ । ସାଧାରଣ ଲୋକଙ୍କୁ ଭୟଭୀତ କରିବା, ଡରେଇବା, ଧମକେଇବା, ଧନ ଜୀବନ ନଷ୍ଟ କରିବା, ଗୁଣ୍ଡା ଗର୍ଦ୍ଦି କରିବା ଅନୁଚିତ । ବିଧାୟକ ଶ୍ରୀ ମେହେରଙ୍କ ଖାମଖିଆଲି କାର୍ଯ୍ୟକଳାପ ଯୋଗୁଁ ଆଜି ରାଜମିସ୍ତ୍ରୀଙ୍କ ପ୍ରାଣହାନୀ ଘଟିଛି । ଆଦିବାସୀ ସଂଘ ପକ୍ଷରୁ ଆହୁରି କୁହାଯାଇଛି ଯେ, ତାଙ୍କ ପରିବାର ବର୍ତ୍ତମାନ ବହୁତ ଅସୁବିଧାରେ । ସେମାନଙ୍କ ସୁରକ୍ଷା କରାଯାଉ । କାରଣ ରାଜମିସ୍ତ୍ରୀଙ୍କ ମରଶରୀର ହସପିଟାଲରେ ଥିଲା, ୫ଜଣ ପୁଅ ଝିଅ ରମାକାନ୍ତ, କାନ୍ତ, ରାଧାକାନ୍ତ, ଦେବାଶିଷ ଓ ଶିବାନୀ ବରିହା ହସପିଟାଲରେ ଥିଲେ । ବିଧାୟକ ଲୋକ ପଠାଇ ସେମାନଙ୍କୁ ଉଠାଇନେଲେ । ଅପରାହ୍ନ ୪ଟାରେ ଡାକ୍ତରଖାନାରୁ ଶବ ବ୍ୟବଚ୍ଛେଦ ହେଲା । ୭ ଘଂଟା ବିଳମ୍ବ ହେଲା କାହିଁକି, ଡିଙ୍ଗର ବରିହାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ ବୋଲି ଲେଖାଇଲା କିଏ, ଚାପ ପ୍ରୟୋଗ କଲା କିଏ, ଏ ସବୁର ତଦନ୍ତ କରାଯାଉ ଏବଂ ରାଜମିସ୍ତ୍ରୀ ଡିଙ୍ଗର ବରିହାର ମୃତ୍ୟୁ ପାଇଁ ଦାୟୀ ବିଧାୟକ ଶ୍ରୀ ମେହେରଙ୍କୁ ଗିରଫ କରାଯାଉ । ଯେହେତୁ ପୂର୍ବରୁ ମଧ୍ୟ ପାଟଣାଗଡ ଥାନା ଅନ୍ତର୍ଗତ ପୋଡଛାପର ଗ୍ରାମର ଧନସିଂ ମେହେରଙ୍କ ଘର ଛାତ କାମ ସମୟରେ ମୁଣ୍ଡାପଲା ଗ୍ରାମର ଜଣେ ଶ୍ରମିକ ପ୍ରଦୀପ ଧରୁଆ ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲା ଏବଂ ଘର ନିର୍ମାଣ କରୁଥିବା ଧନସିଂ ମେହେର ସେହି ଘଟଣାରେ ଜେଲ ଯାଇଥିଲେ । ତେବେ ସାଧାରଣ ଲୋକଙ୍କ ପାଇଁ ଗୋଟିଏ ଆଇନ ଥିବା ବେଳେ ବିଧାୟକଙ୍କ କ୍ଷେତ୍ରରେ ଆଇନ ପରିବର୍ତ୍ତନ କିପରି ହେବ ? ଏଣୁ ବିଧାୟକଙ୍କ ଗିରଫ ଦାବୀ କରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ । ସେହିପରି ବଲାଙ୍ଗିର ସଦର ବ୍ଲକ ମାକଡଚୁଆଁ ଗ୍ରାମର ଆଦିବାସୀ ଯୁବକ ଶ୍ରୀକର ମିର୍ଦ୍ଧାଙ୍କୁ ହତ୍ୟା ଉଦ୍ୟମ କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ଘଟଣାର ଅପରାଧୀମାନଙ୍କୁ ଗିରଫ କରିବାକୁ ସଂଘ ଦୃଢ ଦାବୀ କରୁଛି । ଆଗାମୀ ୩ ଦିନ ମଧ୍ୟରେ ଗିରଫ କରାନଗଲେ ଜିଲ୍ଲା ବ୍ୟାପି ଆନ୍ଦୋଳନ କରିବାକୁ ସଂଘ ନିଷ୍ପତି ନେଇଛି ।

## କ୍ଷୁଦ୍ର ଚଳଚ୍ଚିତ୍ର 'ବରଗଛ'ର ପ୍ରିମିଅର

ବଲାଙ୍ଗିର, (ନିପ୍ର) : ସ୍ୱସ୍ତିକ ପ୍ରଡକ୍ସନର କ୍ଷୁଦ୍ର ଚଳଚ୍ଚିତ୍ର 'ବରଗଛ'ର ପ୍ରିମିଅର ଅନୁଷ୍ଠିତ ହୋଇଯାଇଛି । ବରଗଛର ମହତ୍ୱ ଓ ସହନଶୀଳତାକୁ ଆଧାର କରି ପ୍ରସ୍ତୁତ ହୋଇଛି ଏହି କ୍ଷୁଦ୍ର ଚଳଚ୍ଚିତ୍ର । ଚଳଚ୍ଚିତ୍ରଟି କ୍ଷୁଦ୍ର ହୋଇପାରେ, କିନ୍ତୁ ଏହାର ଦିଗ୍‌ଦର୍ଶନ ଖୁବ୍ ବୃହତ୍ ବୋଲି କୁହାଯାଇପାରେ । ବରଗଛ ସଦୃଶ ଗୋଟିଏ ପରିବାରର ବୃଦ୍ଧ ମୁଖିଆ ପରିବାର ସଦସ୍ୟଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଓ ଆନନ୍ଦ ଦେବା ପାଇଁ ବାରମ୍ବାର କଷ୍ଟ ପାଉଥିଲେ ମଧ୍ୟ, ତାହା ସାଦରେ ସ୍ୱୀକାର କରିଥାଏ । ବେଳେ ବେଳେ ପରିବାର ସଦସ୍ୟମାନଙ୍କ ଦ୍ୱାରା ସେ ଅବହେଳିତ ହେବା ସହ ନିସଂଗ ବି ହୋଇଥାଏ । କିନ୍ତୁ ସେସବୁକୁ ଉଦାର ମାନସିକତାରେ ସହଜରେ ଭୁଲି ଯାଇ ପୁଣି ପରିବାରର ମଙ୍ଗଳ ପାଇଁ ଆପ୍ରାଣ ଉଦ୍ୟମ କରିଥାଏ । ତେବେ ପରିବାର ମୁଖିଆଙ୍କ ମହତ୍ୱପୂର୍ଣ୍ଣ ଭୂମିକାର ଏକ ମହାନ୍ ବାର୍ତ୍ତା ଦେଇଛି କ୍ଷୁଦ୍ର ଚଳଚ୍ଚିତ୍ର 'ବରଗଛ' । ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ହିମାଂଶୁ ଖମାରୀ, ଶଙ୍କରଲାଲ, ନାସିର୍ ଖାନ୍, ଲୋପନ୍ ମିଶ୍ର, ରାଜା, ମୁନା, ମୀନା ଓ ସିଲ୍‌କି ଅଭିନୟ କରିଥିବା ବେଳେ କ୍ୟାମେରା ଦାୟିତ୍ୱ ଗ୍ରହଣ କରିଛନ୍ତି କୀର୍ତ୍ତିଚନ୍ଦ୍ର ଗହୀର । ଚଳଚ୍ଚିତ୍ର ନିର୍ମାତା ମନୋରଂଜନ ଘଡ଼େଇଙ୍କ ଦ୍ୱାରା ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି ସୁରେଶ କୁମାର ଭୋଇ । ସୁରେଶଙ୍କ ନିର୍ଦ୍ଦେଶନାରେ ଏହା ଅଷ୍ଟମ ଚଳଚ୍ଚିତ୍ର ହୋଇଥିବା ବେଳେ ପୂର୍ବରୁ ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ପର୍ଶୁରାମ, ବାଙ୍କୁ, ଯୁଗ୍‌ନୁ ଆଦି ଚଳଚ୍ଚିତ୍ର ବେଶ୍ ଚର୍ଚ୍ଚିତ ହୋଇପାରିଛି । ଆଜିର ପ୍ରିମିଅର୍ ସୋ'ରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ନଗର ସଭାପତି ବୁଲୁ ଦାନୀ ଯୋଗ ଦେଇଥିଲେ । ଜିଲ୍ଲା ସହକାରୀ ଉଦ୍ୟାନ ଅଧିକାରୀ କେଶବ ଚନ୍ଦ୍ର ମିଶ୍ର ଓ ତୀର୍ଥ୍ୟ ଦାଶ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ଭୋଇ, କଂଗ୍ରେସର ସଂପାଦକ ସଂଜୟ ମିଶ୍ର, କେଶରିଆ ହିନ୍ଦୁ ବାହିନୀର ଜିଲ୍ଲା ସଭାପତି ସନ୍ତୋଷ ଭୋଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚଳଚ୍ଚିତ୍ର ଲୋକାର୍ପଣ କରିଥିଲେ । ଆସନ୍ତା ୮ ତାରିଖରେ ଏହି କ୍ଷୁଦ୍ର ଚଳଚ୍ଚିତ୍ରକୁ ବିଧିବଦ୍ଧ ଭାବେ ୟୁଟ୍ୟୁବ୍‌ରେ ଲଂଚ୍ କରାଯିବାକୁ ସୂଚନା ଦିଆଯାଇଛି ।

For Update News Pls. Visit Our News Web Portal :

koshalaprabahalive.com

# ବଲାଙ୍ଗିର ଜିଲ୍ଲା କିଶାନ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ତଥା ପ୍ରଶାସନ ଓ ମିଲର୍ସ ମଧୁଚନ୍ଦ୍ରିକାର ପର୍ଦ୍ଦାଫାସ ଏବଂ ପ୍ୟାକ୍ସମାନଙ୍କରେ ୫ରୁ ୧୦ କେଜି ଧାନ କଟନି ଛଟନି ଓ ଟାର୍ଗେଟ ଥିଲେ ମଧ ବେପାରୀମାନଙ୍କୁ ପ୍ରୋତ୍ସାହନ ଓ ଚାଷୀମାନଙ୍କୁ ଲହୁଲୁହାଣ କରୁଥିବା ସଂସ୍ଥାମାନଙ୍କର ବିରୁଦ୍ଧରେ ଆସନ୍ତା ଜାନୁୟାରୀ ୨୨ ତାରିଖ ଶୁକ୍ରବାର ଦିନ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଗଣବିକ୍ଷୋଭ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର ହୋଇଥିଲା ।

ସଭା ପ୍ରାରମ୍ଭରେ ଦିଲ୍ଲୀରେ କୃଷକ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା କୃଷକମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ନୂତନ ଭାବରେ ମନୋନିତ ବ୍ଲକ କିଶାନ କଂଗ୍ରେସ ଅଧ୍ୟକ୍ଷ ଗଗନ ନାଥ, ପ୍ରଦ୍ୟୁମ୍ନ ସାହୁ, ହେମନ୍ତ ସାହୁ, ପ୍ରଦୀପ ମିଶ୍ର, ଗିରିଧାରୀ ସାହୁ, ଉତ୍ତମ ପଟେଲ, ଆଦିକନ୍ଦ ପୋଡ, ଘନଶ୍ୟାମ ପ୍ରଧାନ, ହେମନ୍ତ ସେଠ, ଋଷି ନାଥ, ମାୟାଧର ସୁନା, ସରୋଜ ପଧାନ, ଅଶୋକ ପଟେଲ, ସାନ୍ତନୁ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇ ଆଗାମୀ ଦିନରେ ପଂଚାୟତ ସ୍ତରରେ ସଂଗଠନକୁ ମଜବୁତ କରିବା ପାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା ଆହ୍ୱାନ ଦେଇଥିଲେ । ଉପ-ସଭାପତି ମନୀଷ ମିଶ୍ର, ବୁଲୁ ଦାନୀ, ଇଂ. ରମେଶ ପୁରୋହିତ, ନବକିଶୋର ନାଏକ, ଯୁବନେତା ପ୍ରଫୁଲ୍ଲ ମିଶ୍ର, ପ୍ରେମ ପ୍ରକାଶ ମିଶ୍ର, ମିଲନି ସାହୁ, ଅନିଲ ମେହେର, ଗୁଣସାଗର ମାଝି, ବିକାଶ ପାଣିଗ୍ରାହୀ, ଶ୍ରୀଧର ବାରିକ, ରାମ ପ୍ରସାଦ ମିଶ୍ର, ସୁଶାନ୍ତ ଷଡଙ୍ଗୀ, ଫଜୁଲୁଦ୍ଦିନ ଖାନ, ସତ୍ୟାନନ୍ଦ ସୁନା, ଓମ୍ ପ୍ରକାଶ କୁମ୍ଭାର, ଦଳିତ ନେତା ଜ୍ୟୋତିଷ ମୁଗ୍ରୀ, ସରୋଜ ରଥ, କୁନା ପ୍ରଧାନ, ଯୁଗେଶ୍ୱର ସାହୁ, ହରି ନନ୍ଦ, କୈଳାସ ମିଶ୍ର, ପପୁ ପାତ୍ର, ଅନ୍ତ ମଛଖଣ୍ଡ, ପବିତ୍ର ନେପାକ, ବସୁଦେବ ନାଏକ, ଲଳିତ ପଟେଲ, ସୁରୁ ମେର୍ଲି, ସତ୍ୟ ନାଗ, ଗଦାଧର ମହାପାତ୍ର, ସୁଦର୍ଶନ ମିଶ୍ର, ପତିତପାବନ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଦାନନ୍ଦ ଭୋଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ ।

# ପାରାଦୀପ ବନ୍ଦର ପ୍ରଶାସନିକ ଭବନରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍



ପାରାଦୀପ, (ନିପ୍ର) : ପାରାଦୀପ ବନ୍ଦର ପ୍ରଶାସନିକ ଭବନରେ ଶୁକ୍ରବାର ଦିନ ମଧ୍ୟାହ୍ନରେ ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀ ଓ ସିଆଇଏସ୍‌ଏଫ୍‌ର ସମନ୍ୱୟରେ ଏକ ଫାୟାର ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ଏମ୍. ବିଶ୍ୱାଳଙ୍କ ତତ୍ୱାବଧା ରେ ସମସ୍ତ ଫାୟାର ଉପକରଣ ନିୟୋଜିତ କରାଯାଇ ଏହି କୌଶଳ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବନ୍ଦର ଉପାଧକ୍ଷ ଏ.କେ. ବୋଷଙ୍କ ସମେତ ବନ୍ଦର ଅଧିକାରୀ ମାନେ ଉପସ୍ଥିତ ରହି ଅଭ୍ୟାସକୁ ଦେଖିଥିଲେ । ଶେଷରେ ଫାୟାର କମାଣ୍ଡାଣ୍ଟ ଧ୍ୟାନ୍ ସିଂ ଅଗ୍ନି ମୁକାବିଲା ତଥା ପୀଡିତମାନଙ୍କୁ ଥଇଥାନ କରିବା ପାଇଁ ଫାୟାର ଟିମ୍ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦ୍ଧତି ବିଷୟରେ ସୂଚନା ଦେଇଥିଲେ । ନିଆଁକୁ ଆୟତ କରିବା ପାଇଁ ସେମାନଙ୍କ ଦକ୍ଷତା, ସମୟାନୁବର୍ତ୍ତିତା ଉଦ୍ୟମ ଏବଂ ସମନ୍ୱୟ ପାଇଁ ସେମାନଙ୍କ ଅଧିକାରୀମାନେ ସିଆଇଏସ୍‌ଏଫ୍ (ଫାୟାର)କୁ ପ୍ରଶଂସା କରିଥିଲେ ଏବଂ ପରବର୍ତୀ ଉନ୍ନତି ପାଇଁ ଡ୍ରିଲ ସମୟରେ ଦେଖାଯାଉଥିବା କ୍ଷୁଦ୍ର ଘଟଣାକୁ ଦର୍ଶାଇଥିଲେ । ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ଏମ୍. ବିଶ୍ୱାଳ ସେମାନଙ୍କ ଭଲ ଉଦ୍ୟମ ପାଇଁ ଟିମ୍‌କୁ ପ୍ରଶଂସା କରିଥିଲେ ।

# ଜଗତସିଂହପୁର ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ -୨୦୨୧ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଜଗତସିଂହପୁର, (ନିପ୍ର) : ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭରେ ଜିଲ୍ଲାପାଳ କୋଭିଡ୍ ମହାମାରୀ ସଂକ୍ରମଣର ସମ୍ଭାବନାକୁ ଦୃଷ୍ଟିରେ ରଖି ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ସଂପର୍କରେ ଉପସ୍ଥିତ ସଭ୍ୟସଭ୍ୟା ମାନଙ୍କୁ ଅବଗତ କରାଇଥିଲେ । ଜାନୁୟାରୀ ୨୬ ତାରିଖ ସକାଳ ୮ଘ.୩୦.ମିନିଟ୍ ସମୟରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ପୋଲିସ କଣିଜେଣ ତରଫରୁ ବ୍ୟାଣ୍ଡ ମାଧ୍ୟମରେ ଜାତୀୟ ସଂଗୀତ ଗାନ କରାଯିବ । କେବଳ ପୋଲିସ୍ କଣିଜେଣ ମାନେ ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିବେ । ଛାତ୍ରଛାତ୍ରୀ/ଏନ୍.ସି.ସି କ୍ୟାଡେଟ୍ ମାନେ ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରି ପାରିବେ ନାହିଁ । ସାଧାରଣ ଲୋକଙ୍କୁ ଏହି ଉତ୍ସବରେ ଯୋଗଦେବାକୁ ବାରଣ କରାଯାଇଛି । ଚଳିତ ବର୍ଷ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ସୀମିତ ସଂଖ୍ୟକ ଅତିଥି, କୋଭିଡ୍ ଯୋଦ୍ଧା, ଆଗଧାଡିର କୋଭିଡ୍ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସବରେ ଯୋଗଦେବାକୁ ଇ-ନିମନ୍ତ୍ରଣ ମାଧ୍ୟମରେ ଆମନ୍ତ୍ରଣ କରାଯିବ । ଜିଲ୍ଲାସ୍ତରୀୟ ଉତ୍ସବରେ ଅଂଶ ଗ୍ରହଣ କରୁଥିବା ଅତିଥିଙ୍କ ସମେତ ସମସ୍ତେ ସାମାଜିକ ଦୂରତା ବଜାୟ ରଖିବା ସହିତ ମାସ୍କ ପରିଧାନ ଓ ହାତ ସାନିଟାଇଜ୍ କରିବା ବାଧ୍ୟତାମୂଳକ । ଉତ୍ସବ ସ୍ଥଳକୁ ସାନିଟାଇଜ୍ କରାଯିବ । ସାଧାରଣତନ୍ତ୍ର ଦିବସ ଦିନ ପ୍ରାତଃ ୪ଘ.୩୦.ମି ସମୟରେ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ସହରରେ ରାମଧୂନ୍ ପରିବେଷଣ କରାଯିବ । ସହରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ପୌର ପରିଷଦ ପକ୍ଷରୁ ସହରକୁ ପରିଷ୍କାର ପରିଛନ୍ନ କରାଯିବ । ନିର୍ବାହୀ ଯନ୍ତ୍ରୀ ଆର ଡବ୍ଲୁ.ଏସ୍.ଏସ୍ ଓ ପି.ଏଚ୍.ଡି ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା,ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆଲୋକ ସଜ୍ଜା,ବିଭିନ୍ନ ବିଭାଗ ଓ ବ୍ୟାଙ୍କ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ତୋରଣ ନିର୍ମାଣ କରାଯିବ । ପ୍ୟାରେଡ୍ ପଡିଆରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା କରାଯିବ । କୋଭିଡ୍ ଯୋଦ୍ଧା ଯଥା-ଡାକ୍ତର, ସ୍ୱାସ୍ଥ୍ୟକର୍ମୀ,ପରିମଳ କର୍ମଚାରୀ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯିବ । ଜିଲ୍ଲାରେ ଥିବା ମହାମନିଷଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ନିମନ୍ତେ ଜିଲ୍ଲାପାଳ ସମସ୍ତ ବି.ଡି.ଓ ଏବଂ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନ୍‌ଲାଇନ୍ ମାଧ୍ୟମରେ ପ୍ରବନ୍ଧ ଓ କ୍ୱିଜ୍ ପ୍ରତିଯୋଗିତା କରାଇ ସେମାନଙ୍କୁ ପୁରସ୍କୃତ କରିବେ । ସମସ୍ତ ଶିକ୍ଷାନୁଷ୍ଠାନରେ ଓ ସରକାରୀ କାର୍ଯ୍ୟାଳୟ ଗୁଡିକରେ ନୂଆ ଜାତୀୟ ପତାକା ଉତୋଳନ କରିବେ । କୌଣସି ପୁରୁଣା ଜାତୀୟ ପତାକାକୁ ବ୍ୟବହାର କରିବେ ନାହିଁ । ପ୍ରତ୍ୟେକ ବ୍ଲକ ଓ ପୌର ପରିଷଦରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ସ୍ମୃତି ଫଳକ ନିର୍ମାଣ କରାଯିବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଗଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ ଡଃ କାହ୍ନୁ ଚରଣ ଧୀର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଚିନ୍ମୟୀ ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଡି.ଏସ୍.ପି.ଡିଆଇବି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଆଇନଜୀବୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଚେତନ ନାଗରିକ ଓ ଜନସାଧାରଣଙ୍କ ପକ୍ଷରୁ ଟାଉନ ଥାନା ଘେରାଉ




ବଲାଙ୍ଗିର, (ନିପ୍ର) : ବଲାଙ୍ଗିରରେ ବଢ଼ି ଚାଲିଛି ଦିନକୁ ଦିନ ଅପରାଧ । ଭୁଷୁଡ଼ି ପଡୁଛି ଆଇନ ବ୍ୟବସ୍ଥା । ଗୁଣ୍ଡାଗର୍ଦ୍ଦିରେ ଲୋକେ ଅତିଷ୍ଠ ହୋଇଗଲେଣି । ଏଭଳି ଅବସ୍ଥାର ସମାଧାନ ପାଇଁ ସଚେତନ ନାଗରିକ ଓ ଜନସାଧାରଣଙ୍କ ପକ୍ଷରୁ ଆଜି ଟାଉନ୍ ଥାନା ଘେରାଉ କରାଯାଇଛି । କୁହାଯାଇଛି, ଅଳ୍ପ କିଛିଦିନ ତଳେ ଜଣେ ଯୁବକ ଟାଙ୍ଗିଆ ଧରି ଡେଲିମାର୍କେଟ୍‌ର ପନିପରିବା ବ୍ୟବସାୟୀଙ୍କୁ ଆକ୍ରମଣ କରିଥିବା ବେଳେ ଆପୋଷ ବୁଝାମଣା ବାହାନାରେ ଅଭିଯୁକ୍ତକୁ ପୋଲିସ ଛାଡ଼ି ଦେଇଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଶତାଧିକ ସଚେତନ ମହିଳା ଓ ସାଧାରଣ ଲୋକେ । ତେବେ ଏହି ଥାନା ଘେରାଉ କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ କୋଶଳ କଳାମଣ୍ଡଳରୁ ଶତାଧିକ ପୁରୁଷ ମହିଳା ଏକ ରାଲିରେ ବାହାରି ଟାଉନ୍ ଥାନାରେ ପହଂଚିଥିଲେ ଏବଂ ଟାଉନ ଘେରାଉ କରି ସହରକୁ ଗୁଣ୍ଡାଗର୍ଦ୍ଦିମୁକ୍ତ କରିବା ପାଇଁ ଦାବୀ ବାଢ଼ିଥିଲେ ।

ଅନୁଷ୍ଠିତ ରାଲିରେ ଅନ୍ୟମାନଙ୍କ ସହ ପୂର୍ବତନ ପୌରପାଳିକା ଅଧ୍ୟକ୍ଷା ସନ୍ତୋଷିନୀ ବେହେରା ଯୋଗ ଦେଇଥିବା ବେଳେ ଆଇନ ସମସ୍ତଙ୍କ ପାଇଁ ସମାନ ହେଉ ଓ ବଲାଙ୍ଗିର ଆଦର୍ଶ ଟାଉନ୍ ଥାନାରେ ସମସ୍ତଙ୍କୁ ନ୍ୟାୟ ମିଳୁ ବୋଲି ଦାବୀ ରଖିଥିଲେ ।

# ବିସ୍ଥାପିତ ସୂର୍ଯ୍ୟନଗର ବସ୍ତି ବାସିନ୍ଦାଙ୍କୁ ଭିଲେଜର୍ସ ଇଣ୍ଡିଆ ପାର୍ଟି ଦ୍ୱାରା ରିଲିଫ ବଂଟନ

ବଲାଙ୍ଗିର, (ନିପ୍ର) : ପ୍ରସ୍ତାବିତ ବିଜ୍ଞାନ ପାର୍କ ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ବଲାଙ୍ଗିର ଦ୍ୱାରା ସ୍ଥାପିତ ସୂର୍ଯ୍ୟନଗରର ୭୦ରୁ ଉର୍ଦ୍ଧ୍ୱ ଗରିବ ଭୂମିହୀନ ପରିବାରଙ୍କୁ ଜେସିବି ଲଗାଇ ସମସ୍ତ ଘରକୁ ଭାଙ୍ଗି ଦେଇ ବିସ୍ଥାପିତ କରିଦେଇଛି । ମୁକ୍ତ ଆକାଶ ତଳେ ଅସୁରକ୍ଷିତ ଶିଶୁ-ମହିଳା-ବୃଦ୍ଧା ଦେଖି ଭିଲେଜର୍ସ ଇଣ୍ଡିଆ ପାର୍ଟି ପ୍ରଦେଶ ଅଧ୍ୟକ୍ଷ ଡ. ବିପିନ କୁଶୁଲିଆ ଏବଂ ପ୍ରଦେଶ କୋଷାଧ୍ୟକ୍ଷ ଅନନ୍ତ ନାରାୟଣ ବନ୍ଦକିଙ୍କ ନେତୃତ୍ୱରେ ଅସୁରକ୍ଷିତ ଭୋକ ଶୋଷରେ ଥିବା ବିସ୍ଥାପିତ ସୂର୍ଯ୍ୟନଗର ବସ୍ତି ବାସିନ୍ଦାଙ୍କୁ ଟେଣ୍ଟ / ତମ୍ବୁ ବ୍ୟବସ୍ଥାରେ ରଖି ଆଜି ରିଲିଫ୍ ବଣ୍ଟନ କରାଯାଇଛି । ଡ. କୁଶୁଲିଆଙ୍କ ଅନୁସାରେ ବିଶାକ୍ତ ସାପ, ବନ୍ୟଜନ୍ତୁ, ଅସାମାଜିକ ତତ୍ତ୍ୱ, ଦାରିଦ୍ରତା, ଥଣ୍ଡାର ପ୍ରକୋପ ଭଳି ବିପଦ ସଙ୍କୁଳ ଅବସ୍ଥାରେ ପଡି ରହିଥିବା ବିସ୍ଥାପିତ ସୂର୍ଯ୍ୟନଗରବାସୀଙ୍କୁ ତାଙ୍କର ଥଇଥାନ ଏବଂ ପୁନଃନିବାସ ଆଶ୍ୱାସନା ଦେଇ ଡ. କୁଶୁଲିଆ ଚେତାବନୀ ଦେଇ ଆସନ୍ତା ୧୮ ତାରିଖ ଠାରୁ ବଲାଙ୍ଗିର ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସେମାନଙ୍କର ଥଇଥାନ ଏବଂ ପୁର୍ନବାସ ପାଇଁ ବିସ୍ଥାପିତ ବସ୍ତି ବାସିନ୍ଦାଙ୍କ ସହ ଅନିଶ୍ଚିତକାଳିନ ଧାରଣାରେ ବସିବା ପାଇଁ କହିଛନ୍ତି ।

ଭିଲେଜର୍ସ ଇଣ୍ଡିଆ ପାର୍ଟି ପ୍ରଦେଶ ଅଧ୍ୟକ୍ଷ ଡ. ବିପିନ କୁଶୁଲିଆ କହିଛନ୍ତି ଯେ, ଦୀର୍ଘ ୪୦ ବର୍ଷ ଧରି ରହୁଥିବା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପଛପଟଟେ ସୂର୍ଯ୍ୟନଗର-ଆନନ୍ଦନଗର ୱାର୍ଡ ନଂ-୫ ବସ୍ତିବାସିନ୍ଦାଙ୍କ ଘରଗୁଡ଼ିକୁ ପ୍ରସ୍ତାବିତ ବିଜ୍ଞାନ ପାର୍କ ନିର୍ମାଣ ପାଇଁ ଗତ ତା.୧୧.୦୧.୨୦୨୧ ଦିନ ବୁଲ୍‌ଡୋଜର ଲଗାଇ ବଲାଙ୍ଗିର ଜିଲ୍ଲା ପ୍ରଶାସନ ବିନା ଜନ ଶୁଣାଣୀ (ତା.୨୮.୧୨.୨୦୨୧ ଓ ୨୯.୧୨.୨୦୨୦) ତଥା ବିନା ଉଚିତ୍ ଥଇଥାନରେ ଭାଙ୍ଗି ଦେଇ ସମସ୍ତ ପରିବାରକୁ ଖୋଲା ଆକାଶ ତଳେ ଭୋକ-ଶୋଷ ତଥା ଅସୁରକ୍ଷିତ ବ୍ୟବସ୍ଥାରେ ରହିବାକୁ ବାଧ କରିଛନ୍ତି । ଏହି କରୋନା ମହାମାରୀ ତଥା ଅତି ଗରିବ ଏବଂ ଭୁମିହୀନ ମାନଙ୍କୁ ଏପରି ଭାବରେ ବିନା ଥଇଥାନରେ ୨ ଦିନରେ (ଛୁଟି ଥିବା ଶନିବାର ଓ ରବିବାର) ବସ୍ତି ଉଚ୍ଛେଦ ନୋଟିସ ଦେଇ ରବିବାର ଦିନ ବିଜୁଳୀ ସମ୍ପର୍କ କାଟି ଦେବା ପରେ ସୋମବାର ଦିନ ବୁଲ୍‌ଡୋଜର୍ ଲଗାଇ ନିଜ ସ୍ଥାନରୁ ତଡି ଦେବା ଦ୍ୱାରା ଲୋକଙ୍କ ସମସ୍ତ ମୂଲ୍ୟବାନ ସାମଗ୍ରୀ କାନ୍ଥ ତଳେ ଚାପି ହୋଇ ନଷ୍ଟ ହୋଇଯାଇଛି । ବର୍ତ୍ତମାନ ସମସ୍ତ ବିସ୍ଥାପିତ ମୁକ୍ତ ଆକାଶରେ ତମ୍ବୁ ମାରି ଭୋକ-ଉପାସରେ ରହୁଛନ୍ତି । ଓଡିଶା ସରକାରଙ୍କ ଓଡିଶା ଭୁ-ବନ୍ଦୋବସ୍ତ ଆଇନ-୧୭-୧୮ ତଥା ଜାଗା ମିଶନ ପଟ୍ଟା ବସ୍ତି ବାସିନ୍ଦା ଥଇଥାନ ଆଇନ୍ ବିରୁଦ୍ଧରେ ଯାଇଛି ତଥା ହିଟଲର ଫିଲ୍ମୀ ଷ୍ଟାଇଲରେ ଘରକୁ ଭାଙ୍ଗି ଦେଇ ଲୋକଙ୍କୁ ପୋଲିସ ଦ୍ୱାରା ଲୋକଙ୍କୁ ଘଉଡ଼ାଇ ଦେବା ମାନବ ଅଧିକାରର ଉଲଂଘନ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଜୀଙ୍କ ବସ୍ତିବାସିନ୍ଦା ଥଇଥାନ ଆଇନ ଦ୍ୱାରା ଅଧିକାଂଶ ବଲାଙ୍ଗିର ମ୍ୟୁନିସିପାଲିଟି ଦ୍ୱାରା ଜାଗା ମିଶନ ପଟ୍ଟା ପାଇଁ ଉଷା ସର୍ଭେ କାର୍ଡ ପାଇଛନ୍ତି ଏବଂ ବଲାଙ୍ଗିର ମ୍ୟୁନିସିପାଲିଟିର ନାମୀ ତଥା ପୁରୁଣା ସମସ୍ତ ସୁବିଧା ଥିବା ପଡାକୁ ଉଚ୍ଛେଦ କରିଛନ୍ତି



। ଏଣୁ ଆଜି ଭିଲେଜର୍ସ ଇଣ୍ଡିଆ ପାର୍ଟି ନେତୃତ୍ୱରେ ବିସ୍ଥାପିତ ସୂର୍ଯ୍ୟନଗର ନିବାସୀ ସକାଳ ୧୧ଟାରେ ଉପଜିଲ୍ଲାପାଳ ସୁଧାକର ନାୟକଙ୍କ ଦ୍ୱାରସ୍ତ ହୋଇଥିଲେ । ଗତକାଲି ସାକ୍ଷାତ ହୋଇପାରିନ ଥିବାରୁ ଆଶାହୀନ ହୋଇ ଫେରି ଆସିଥିଲେ ଓ ଆସନ୍ତା ତା.୧୮.୦୧.୨୦୨୧ ଦିନ ସୂର୍ଯ୍ୟନଗର-ଆନନ୍ଦନଗର ବସ୍ତିବାସିନ୍ଦା ନାଗରିକ ସୁରକ୍ଷା ସମିତି ଏବଂ ଭିଲେଜର୍ସ ଇଣ୍ଡିଆ ପାର୍ଟି ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ ପାଇଁ ବଲାଙ୍ଗିର ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦାବୀପତ୍ର ପ୍ରଦାନ ସହ ଅନିଶ୍ଚିତକାଳିନ ଧାରଣା ଦେବାକୁ ବାଧ ହେବୁ ବୋଲି ଭିଆଇପି ଅଧ୍ୟକ୍ଷ ଡ. କୁଶୁଲିଆ ଜଣାଇଅଛନ୍ତି । କୁହାଯାଇଛି ଯେ, ବିସ୍ଥାପିତ ସୂର୍ଯ୍ୟନଗର-ଆନନ୍ଦନଗର ବସ୍ତିବାସିନ୍ଦାଙ୍କୁ ପ୍ରଧାନ ମନ୍ତ୍ରୀ, ଇନ୍ଦିରା ଆବାସ, ମୋ କୁଡିଆ, ବିଜୁ ପକ୍କାଘର ଯୋଜନା ଏବଂ ଜାଗା ମିଶନ ପଟ୍ଟା ସହ ନଗଦ କ୍ଷତିପୂରଣ ଦେଇ ସେହି ଅଭାଗା ଗରିବ ଭୁମିହୀନ ବଲାଙ୍ଗିରର ନାଗରିକ ମାନଙ୍କୁ ଅତିଶୀଘ୍ର ଉଚିତ ଥଇଥାନ କରିବା ସଂପର୍କରେ ଦାବୀପତ୍ରରେ ଉଲ୍ଲେଖ ରହିବ ।

# ବହୁ ଚର୍ଚ୍ଚିତ ପରୀ ହତ୍ୟାକାଣ୍ଡ ତଦନ୍ତ ମାମଲା : ରାଜ୍ୟ ସରକାର ଭୁଆଁ ବୁଲାଇଦେଲେ, ହାଇକୋର୍ଟଙ୍କ ପର୍ଯ୍ୟବେକ୍ଷଣରେ ଏସ୍ଆଇଟି ତଦନ୍ତ ପାଇଁ ମାନ୍ୟବର ହାଇକୋର୍ଟଙ୍କୁ ମିଳିନାହିଁ ସରକାରଙ୍କ ନିବେଦନ ପତ୍ର : ହାଇକୋର୍ଟ ମନିଟରିଂ ଏସ୍ଆଇଟି ନୁହେଁ

## ସୂଚନା ଅଧିକାର ଆଇନ ଯୋଗେ ମିଳିଲା ତଥ୍ୟ : କଂଗ୍ରେସର ଐତିହାସିକ ସଫଳତା ଦାବୀ ବିଫଳତାରେ ପରିଣତ - ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା

ବଲାଙ୍ଗିର, (ନିପ୍ର) : ରାଜ୍ୟର ବହୁ ଚର୍ଚ୍ଚିତ ପରୀ ହତ୍ୟାକାଣ୍ଡ ତଦନ୍ତ ମାମଲା ଓଡିଶା ହାଇକୋର୍ଟଙ୍କ ପର୍ଯ୍ୟବେକ୍ଷଣରେ ମନିଟରିଂ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । ହାଇକୋର୍ଟରେ କାର୍ଯ୍ୟରତ ଜଣେ ମାନ୍ୟବର ବିଚାରପତିଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ତଦନ୍ତ କରିବେ ବୋଲି ସରକାର କହିଥିଲେ । ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟର ତତ୍ତ୍ୱାବଧାନରେ ତଦନ୍ତ ହେବା ଘୋଷଣା କରିବା ପରେ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ମାନ୍ୟବର ହାଇକୋର୍ଟଙ୍କୁ ପତ୍ର ଲେଖିଥିବା କଥା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ନ୍ୟାୟାଳୟ ଉପରେ ଅସ୍ଥା ଓ ବିଶ୍ୱାସ ଯୋଗୁଁ ଏହି ଜଘନ୍ୟ ହତ୍ୟା ଘଟଣାର ସତ୍ୟତା ଲୋକଲୋଚନକୁ ଅସିବ ବୋଲି ଜନସାଧାରଣ ଆଶା କରିଥିଲେ । ରାଜ୍ୟ ସରକାରଙ୍କ ଏହି ଘୋଷଣାକୁ ରାଜ୍ୟ ବିଜେପି ଗ୍ରହଣ ନକରି ସିବିଆଇ ତଦନ୍ତ ଦାବୀରେ ଅଟଳ ରହିଥିବା ବେଳେ କଂଗ୍ରେସ ନେତାମାନେ ଏହାକୁ ଐତିହାସିକ ସଫଳତା ବୋଲି ବର୍ଣ୍ଣନା କରିଥିଲେ । ଏହି ସମ୍ବେଦନଶୀଳ ଘଟଣାର ସତ୍ୟତା ଜାଣିବା ପାଇଁ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ମାନ୍ୟବର ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ପ୍ରଦାନ କରିବା ପାଇଁ ନିବେଦନ କରିଥିଲେ । ମାନ୍ୟବର ହାଇକୋର୍ଟଙ୍କ ଅତିରିକ୍ତ ଡେପୁଟି ରେଜିଷ୍ଟ୍ରାର ତଥା ଜନସୂଚନା ଅଧିକାରୀ ବି. ଦାଶଙ୍କ କାର୍ଯ୍ୟାଳୟରୁ ଚିଠି ନଂ.ଆରଟିଆଇ-୧୩/୨୦୨୦/୧୦୬ ତା- ୬/୦୧/୨୧ଯୋଗେ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାଯାଇଛି ଯେ, ନୟାଗଡ ଜିଲାର ନାବାଳିକା ଝିଅ ପରୀ ହତ୍ୟାକାଣ୍ଡର ଏସ୍ଆଇଟି ତଦନ୍ତ ଜଣେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ରାଜ୍ୟ ସରକାରଙ୍କ ପାଖରୁ କୌଣସି ନିବେଦନ ପତ୍ର ମାନ୍ୟବର ହାଇକୋର୍ଟଙ୍କ ହସ୍ତଗତ ହୋଇନାହିଁ ଏବଂ ଯେହେତୁ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିବେଦନ ପତ୍ର ମିଳି ନାହିଁ, ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଅଯିବା ପ୍ରଶ୍ନ ଉଠୁନାହିଁ ବୋଲି ତଥ୍ୟ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ନିବେଦନ ପତ୍ର ଉପରେ ହାଇକୋର୍ଟ ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ସୂଚନା କର୍ମୀ ପଣ୍ଡା ମାଗିଥିବା ତଥ୍ୟକୁ ନେଇ ଏହି ସୂଚନା ପ୍ରଦାନ କରାଯାଇଛି । ତେଣୁ ଏହି ତଥ୍ୟରୁ ବର୍ତ୍ତମାନ ସ୍ପଷ୍ଟ ହୋଇଛି ଯେ, ପରୀ ହତ୍ୟାକାଣ୍ଡ ପାଇଁ



ତଦନ୍ତ କରୁଥିବା ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ କୋର୍ଟ ମନିଟରିଂ ନୁହେଁ । ପରୀକୁ ନ୍ୟାୟ ଦେବା ପାଇଁ ଗଣତନ୍ତ୍ରର ମନ୍ଦିର ସାମ୍ନୁଖରେ ପରୀ ବାପା ମା'ଙ୍କ ଶେଷ ଚେଷ୍ଟା ବିଫଳ ହୋଇଛି ଏବଂ ଏହା ଗଣତନ୍ତ୍ର ପାଇଁ ଅଦୌ ଶୁଭଙ୍କର ଘଟଣା ନୁହେଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଜଣେ କାର୍ଯ୍ୟରତ ମନ୍ତ୍ରୀଙ୍କ ବିରୋଧରେ ପରୀ ବାପ ମା' ଅଭିଯୋଗ ଆଣୁଛନ୍ତି ଏବଂ ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ତଦନ୍ତ କରାଗଲେ କେମିତି ନ୍ୟାୟ ମିଳିବ ବୋଲି ପଣ୍ଡା ପ୍ରଶ୍ନ କରିଛନ୍ତି ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ପରୀ ହତ୍ୟାକାଣ୍ଡ ଘଟଣାରେ ନ୍ୟାୟ ଦାବୀ କରି ପରୀର ମା' ଓ ବାପା ବିଧାନସଭା ଅଧିବେଶନ ଚାଲିଥିବା ସମୟରେ ବିଧାନସଭା ସମ୍ମୁଖରେ ଆତ୍ମହୁତି ଉଦ୍ୟମ କରିଥିଲେ । ଏହି ଘଟଣାକୁ ନେଇ ବିଧାନସଭା ହୁଲସ୍ଥୁଲ ହୋଇଥିଲା । ଗୃହରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଉତ୍ତର ରଖି ସରକାର ହାଇକୋର୍ଟରେ କାର୍ଯ୍ୟରତ ଜଣେ ମାନ୍ୟବର ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି ତଦନ୍ତ କରିବ ବୋଲି ଘୋଷଣା କରିଥିଲେ । କିନ୍ତୁ ମାନ୍ୟବର ହାଇକୋର୍ଟ ବର୍ତ୍ତମାନ ପର୍ଯ୍ୟନ୍ତ ସରକାରଙ୍କ ଅନୁରୋଧ ପତ୍ର ପାଇନଥିବା କଥାରୁ ସ୍ପଷ୍ଟ ଜଣାପଡିଛି ଯେ, ଗଣତନ୍ତ୍ରର ମନ୍ଦିରରେ ସରକାର ଦେଇଥିବା ପ୍ରତିଶ୍ରୁତି କେତଦ୍ଦୁର ପାଳନ କରାଯାଇଛି । ସରକାରଙ୍କ ଏହି ପଦକ୍ଷେପକୁ କଂଗ୍ରେସ ଦଳ ସ୍ୱାଗତ କରି ଏହାକୁ ଐତିହାସିକ ସଫଳତା ଭାବେ ବର୍ଣ୍ଣନା କରିଥିଲା ଏବଂ ପରୀର ମା' ବାପା ଅଭିଯୋଗ ଆଣିଥିବା ମନ୍ତ୍ରୀଙ୍କ ଇସ୍ତଫାର କୌଣସି ପ୍ରୟୋଜନ ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଥିଲା । କିନ୍ତୁ ହାଇକୋର୍ଟଙ୍କ ପ୍ରଦତ୍ତ ତଥ୍ୟ ଅଧାରରେ ଶ୍ରୀ ପଣ୍ଡା ବଲାଙ୍ଗିରରେ ଏକ ସମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, କଂଗ୍ରେସ ନେତାମାନଙ୍କ ଏହି ଐତିହାସିକ ସଫଳତା ଦାବୀ ହାଇକୋର୍ଟଙ୍କ ତଥ୍ୟ ସାର୍ବଜନୀନ ହେବା ପରେ ଏକ ଐତିହାସିକ ବିଫଳତାରେ ପରିଣତ ହୋଇଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ଏହାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀ ପଣ୍ଡା ଦାବୀ କରିଛନ୍ତି ।




## ବଲାଙ୍ଗିର ଜିଲ୍ଲାରେ 'ମୋ ମଶାରୀ ଅଭିଯାନ' ଓ ମ୍ୟାଲେରିଆ ରୋଗର ନିରାକରଣ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନିଧି ରଥର ଶୁଭାରମ୍ଭ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାରେ 'ମୋ ମଶାରୀ ଅଭିଯାନ' ଜରିଆରେ କୀଟନାଶକ ଉପଚାରିତ ଦୀର୍ଘସ୍ଥାୟୀ ମଶାରୀର ବ୍ୟବହାର ଓ ମ୍ୟାଲେରିଆ ରୋଗ ନିରାକରଣ ତଥା ପ୍ରତିକାର ସଂପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲାର ସମସ୍ତ ବ୍ଲକ ଅଂଚଳରେ 'ନିଧି ରଥ' ପରିକ୍ରମାର ଶୁଭାରମ୍ଭ କରାଯାଇଛି । ଆଜି ପୂର୍ବାହ୍ନରେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ୫ଗୋଟି ନିଧି ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଆଜିଠାରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ନିଧି ରଥ ବ୍ଲକ ଅନ୍ତର୍ଗତ ଗ୍ରାମ ଗୁଡ଼ିକୁ ଯାଇ ସଚେତନ କରିବ । ବଲାଙ୍ଗିର ଜିଲ୍ଲାରେ ଆସନ୍ତା ୨୧ ତାରିଖଠାରୁ ୩୦ ତାରିଖ ମଧ୍ୟରେ କାର୍ଯ୍ୟସୂଚୀ ଅନୁସାରେ କୀଟନାଶକ ଉପଚାରିତ ଦୀର୍ଘସ୍ଥାୟୀ ମଶାରୀ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲାରେ ୪,୦୫,୮୦୨ ପରିବାରକୁ ୧୦,୨୫,୦୬୨ କୀଟନାଶକ ଉପଚାରିତ ଦୀର୍ଘସ୍ଥାୟୀ ମଶାରୀ ବଂଟନ କରାଯିବାର ଲକ୍ଷ୍ୟ ରଖାଯାଇଛି । ମଶାରୀ ବଂଟନ କାର୍ଯ୍ୟକ୍ରମରେ ଆଶା, ଅଙ୍ଗନବାଡ଼ି କର୍ମୀ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ, ଶିକ୍ଷକ ତଥା ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ମିଶାଇ ମୋଟ ୧୨୭୧୦ ଜଣଙ୍କୁ ନିୟୋଜିତ କରାଯାଇଛି । ଜନସାଧାରଣ ଯେପରି ମଶାରୀର ଉପଯୁକ୍ତ ବ୍ୟବହାର କରିବେ ତଥା ମ୍ୟାଲେରିଆରୁ ନିଜକୁ ରକ୍ଷା କରିପାରିବେ ସେ ସଂପର୍କରେ ବ୍ୟାପକ ଜନ ସଚେତନତା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଆଜି ଅନୁଷ୍ଠିତ ଏହି ନିଧି ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭୀମ ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିବ୍ୟକିଶୋର ପତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ସୁଧା ବାର୍ଲା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ତୁଷାରକାନ୍ତ ଠାକୁର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ନମିତା ମିଶ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରୀତାଂଜଳି ମିଶ୍ର, ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ସୁରେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଇଁନ୍ତଲା ବ୍ଲକ କ୍ରୀଡା ଶିକ୍ଷକମାନଙ୍କ ସାଧାରଣ ବୈଠକ

ବଲାଙ୍ଗିର, (ନିପ୍ର) : ୟୁଜିଏଚ୍ଏସ୍ ଗଇଁନ୍ତଲା ଠାରେ ପୁଇଁନ୍ତଲା ବ୍ଲକର କ୍ରୀଡା ଶିକ୍ଷକମାନଙ୍କର ଏକ ସାଧାରଣ ବୈଠକ ବିଇଓ ନେପାଳ ଚନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ବୈଠକରେ ବ୍ଲକ ଲେଭେଲ ସ୍କୁଲ କ୍ରୀଡା ଏସୋସିଏସନ ସଭାପତି ନେପାଳ ଚନ୍ଦ୍ର ବାଗ ବିଇଓ ପୁଇଁନ୍ତଲା ବ୍ଲକ, ଉପ-ସଭାପତି ଶ୍ରୀଧର ଦାଶ ଏବିଇଓ ପୁଇଁନ୍ତଲା ବ୍ଲକ, ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ରାମଜୀ ହାଇସ୍କୁଲ, କୁରୁଲ, ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପାଣିଗ୍ରାହୀ ରାକ୍ସିମୁଣ୍ଡା ହାଇସ୍କୁଲ, ପ୍ରଧାନ ଶିକ୍ଷୟତ୍ରୀ ବିଜୟିନୀ ସାହୁ ଗଇଁନ୍ତଲା ହାଇସ୍କୁଲ, ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ଦାଶ ଅଙ୍କରିଆପଦର ହାଇସ୍କୁଲ, ସଂପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଲ କ୍ରୀଡା ଶିକ୍ଷକ ଆଠଗାଁ ହାଇସ୍କୁଲ, ପାଞ୍ଚ ଜଣ କ୍ରୀଡା ଶିକ୍ଷକ ସଭ୍ୟବୃନ୍ଦ ଭାବରେ ଦେବୀ ପ୍ରସାଦ ରାଉତ, ପ୍ରବୀଣ ନାରାୟଣ ପଣ୍ଡା, ବୁଦ୍ଧିରାଜ ବିଶ୍ୱାଲ, ସ୍ୱାଗତିକା ବରର୍ତ୍ତି, ସସ୍ମିତା ଗଡତିଆ । ଶେଷରେ ଗଇଁନ୍ତଲା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ବିଜୟନୀ ସାହୁ ଏବଂ ତାଙ୍କ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସସ୍ମିତା ଗଡତିଆଙ୍କୁ ରାଜ୍ୟସ୍ତରୀୟ କ୍ରୀଡା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବାରୁ ତାଙ୍କୁ ସମ୍ମାନିତ କରାଗଲା ।

ପରିଶେଷରେ ବାସୁଦେବ ଦାଶ ଧନ୍ୟବାଦ ଅର୍ପଣ ଓ ଦେବୀ ପ୍ରସାଦ ରାଉତ ସଭାସାଙ୍ଗ ଘୋଷଣା କରିଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu